## ଆଜି କ'ଣ କେଉଁଠି

ଧର୍ମଶାଳା

- ଧର୍ମଶାଳା ବିଜେଡି ପକ୍ଷରୁ କାଏମାଠାରୁ କୋଟପୁର ପର୍ଯ୍ୟନ୍ତ ସାଇକେଲ ଶୋଭାଯାତ୍ରା, ସ୍ଥାନ- କୋଟପୁର ଖେଳ ପଡ଼ିଆ, ସମୟ ଅପରାହ୍ନ ୩ଟା।
- ଯାଜପୁର ଟାଉନ ଜିଲା ପ୍ରଶାସନ ପକ୍ଷରୁ ଲୋକସେବା ଦିବସ, ସ୍ଥାନ-ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ-ପୂର୍ବାହ୍ନ ୧୦ଟା।

# କଡ଼ମାରେ ଜଳ ସଙ୍କଟ ଉତ୍କଟ

- ରାସ୍ତା କାମ ପାଇଁ ପାଇପ ତାଡ଼ିଦେଲେ ଠିକାଦାର
- ପାନୀୟଜଳ ପାଇବାରୁ ବଞ୍ଚିତ ଗ୍ରାମର ୪୮୦ ପରିବାର

କୋରେଇ,୪।୩(ଡି.ଏନ୍.ଏ)

ଗ୍ରୀଷ୍ମ ପ୍ରବାହ ବଢ଼ିବା ସହ କୋରେଇ ବ୍ଲକ ଅଧୀନ ଏକାଧିକ ପଞ୍ଚାୟତରେ ଜଳ ସମସ୍ୟା ଚିନ୍ତା ବଢ଼ାଇଛି। ୨୦ ବର୍ଷ ପଛ ତଥା ପୂର୍ବଭଳି ଖୋଲା କୂପ ଉପରେ ଲୋକେ ଭରସା କରିଛନ୍ତି। ଏହି ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ୮ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ବନ୍ଦ ରହିଥିବାବେଳେ ଏହାର ମରାମତି ତଥା ପୁନଃ ଜଳଯୋଗାଣ ପାଇଁ ବ୍ଲକ କର୍ତ୍ତୃପକ୍ଷ କିମ୍ବା ଗ୍ରାମ ଜଳ ଯୋଗାଣ ଏବଂ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍ଏସ୍) ଚେଇଁ ଶୋଇଛି। ଅନ୍ୟପକ୍ଷରେ ବ୍ଲକର ତଳଗଡ଼ ପଞ୍ଚାୟତର ଉପୁଲେଇ ଗ୍ରାମ ଓ ମକୁନ୍ଦପୁର ପଞ୍ଚାୟତ ତଥା ମକୁନ୍ଦପୁର ଗ୍ରାମର ଓଭରହେଡ୍ ପାଣିଟାଙ୍କି ବିଦ୍ୟୁତ୍ ବିଲ୍ ପୈଠ ହୋଇ ନ ଥିବା କାରଣରୁ ବିଜୁଳି ବିଚ୍ଛିନ୍ନ ହୋଇ ଜଳଯୋଗାଣ ବନ୍ଦ ରହିଛି। ଜହ୍ନା ଓ ମୂଳାପାଳ ପଞ୍ଚାୟତର ଧନତ୍ରୀ ଗ୍ରାମରେ ଟ୍ରାନ୍ସଫର୍ମର ଫେଲ୍ ଯୋଗୁ ଜଳଯୋଗାଣ ହୋଇପାରୁନାହିଁ। ସେହିପରି ପାଣିକୋଇଲି ପଞ୍ଚାୟତ ଅଲତିରି ଓ ପାଣିକୋଇଲି ଗ୍ରାମରେ ମେଗା ଜଳ ପ୍ରକଳ୍ପ କାମ ଚାଲୁ ରହିଛି । ଯେଉଁଥିରେ ପୁରୁଣା ପାଇପ୍‌ଗୁଡ଼ିକ ନଷ୍ଟ ହୋଇ ଜଳ ଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ଅମୃତିଆ ପଞ୍ଚାୟତ ତଥା ଅମୃତିଆ ଗ୍ରାମ ଓ ପଛିକୋଟ ପଞ୍ଚାୟତ କଡମା ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ରାସ୍ତା ସମ୍ପ୍ରସାରଣ ପାଇଁ ଠିକାଦାର ପାଇପ୍‌ଗୁଡ଼ିକ ତାଡ଼ି ନଷ୍ଟ କରିଥିବାରୁ ଜଳଯୋଗାଣ ବନ୍ଦ ରହିଛି। ଆର୍‌ଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ପାଇପ୍‌ଗୁଡ଼ିକ ୩ ଫୁଟ ତଳେ ପୋତିବାକୁ ଅନୁମତି ରହିଛି। ହେଲେ ନିର୍ମାଣ ସମୟରେ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଆଗରେ ସରକାରୀ ନିୟମ ଫିକା ପଡୁଛି। ଯନ୍ତ୍ରୀଙ୍କୁ ହାତକରି ଠିକାଦାରମାନେ ଏକାଧିକ ପ୍ରକଳ୍ପରେ କେଉଁଠି ୧ ଫୁଟ ତ କେଉଁଠି ମାଟି ଉପରେ ପାଇପ ବିଛାଇ ବିପୁଳ ଟଙ୍କା ଆତ୍ମସାତ୍ କରାଯାଇଛି। ଡମା ଗ୍ରାମରେ ରାସ୍ତା କାମ ଚାଲୁଥିବାବେଳେ ସାଇଡ୍ ଫିଲିଂ ପାଇଁ ଠିକାଦାର ରାସ୍ତା କଡ଼ରୁ ୧ଫୁଟ ଲେଖାଏ ଖନନ କରିଥିଲେ । ଯେଉଁଥିରେ ୪ଟି ଗ୍ରାମକୁ ଜଳ ଯୋଗାଣ ପାଇଁ ରଗଡି ଛକ ମା' କାମୁଡଇ ନିକଟରେ ଥିବା ଓଭରହେଡ୍ ପାଣିଟାଙ୍କିରୁ କଡ଼ମାକୁ ବିଛାଯାଇଥିବା ପାଇପ୍‌ଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି।। ଫଳରେ କଡ଼ମାର ଆଇଚିପୁର, ମାଦଳା, ଉଆସପୋଖରୀ ଆଦି ୪ ବସ୍ତିର ପ୍ରାୟ ୪୮୦ ପରିବାର ୨ମାସ ହେବ ଜଳକଷ୍ଟ ଭୋଗୁଛନ୍ତି। ଗାଁରୁ ୧ କି.ମି ଦୂରରେ ଥିବା ଏକ ପୁରୁଣା କୂଅକୁ ଗ୍ରାମବାସୀ ଭରସା କରିଛନ୍ତି। ମହିଳାମାନେ ପାନୀୟ ଜଳ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ସହ ଗାଧୋଇବା ପାଇଁ ଏକ ଅପରିଷ୍କାର ପୋଖରୀ ଉପରେ ନିର୍ଭର କରୁଛନ୍ତି। ଏ ବିଷୟରେ ଗ୍ରାମ୍ୟ ଉନ୍ନୟନ ଠିକାଦାରଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ କହିଛନ୍ତି। ଆର୍‌ଡବ୍ଲ୍ୟୁଏସ୍ଏସ୍ କର୍ତ୍ତୃପକ୍ଷ ଏହାର ମରାମତି କରିବେ ବୋଲି ଠିକାଦାର କହୁଛନ୍ତି। କିନ୍ତୁ ଆର୍‌ଡବ୍ଲ୍ୟୁଏସ୍ଏସ୍ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁଧାକର ପଣ୍ଡାଙ୍କୁ ପଚାରିବାରେ ଖୁବଶୀଘ୍ର ଏହାର ସମାଧାନ ହେବ ବୋଲି ସେ କହିଛନ୍ତି।


କଡ଼ମା ପଞ୍ଚାୟତବାସୀ ଖୋଲା କୂଅରୁ ପାଣି ସଂଗ୍ରହ କରୁଛନ୍ତି।

## ସାତଭାୟାରେ ବିଜୁବାବୁଙ୍କ ବୃହତ୍ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବି

କେନ୍ଦ୍ରାପଡ଼ା ଅଫିସ,୪।୩

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ସାତଭାୟାରେ ବିଜୁ ପଟ୍ଟନାୟକଙ୍କ ଏକ ବୃହତ୍ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବା ପାଇଁ ଦାବି ହୋଇଛି । ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ସାମୁଦ୍ରିକ ତଟକ୍ଷୟ ପ୍ରତି ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆସିବା ସହିତ ପ୍ରତିମୂର୍ତ୍ତି ପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା ଭିତରକନିକାରେ ବୃଦ୍ଧି ପାଇବ । ଏପରି ଦାବି କରି ପଟ୍ଟାମୁଣ୍ଡାଇ ବ୍ଲକ ଦେଉଳିସ୍ଥିତ ଉତ୍କଳମଣୀ ଯୁବକ ସଂଘ ପକ୍ଷରୁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଏଥିସହିତ ଶୁକ୍ରବାର ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଯୁବକସଂଘ ସଭାପତି ଗୌତମ ବେହେରା କହିଛନ୍ତି, ଭିତରକନିକା ଜାତୀୟ ଉଦ୍ୟାନର ମାନ୍ୟତା ପାଇଛି । ତେବେ ଏହା ପ୍ରଚାରପ୍ରସାରରେ ସୀମିତ ଅଛି। ପରିବେଶ ପର୍ଯ୍ୟଟନ ଓ ସାମୁଦ୍ରିକ, ବନ୍ୟଜନ୍ତୁ ପାଇଁ ଏହି ଅଞ୍ଚଳ ବିଶ୍ୱରେ ଦୃଷ୍ଟି ଆକର୍ଷଣ କରିଛି । ତେବେ ଏହି ଜାତୀୟ ଉଦ୍ୟାନ ଏବେ ସମୁଦ୍ର ତଟକ୍ଷୟର ସାମ୍ନା କରୁଛି । ଜିଲାର ୪୮ କିଲୋମିଟର ସମୁଦ୍ର ତଟାଞ୍ଚଳ ମଧ୍ୟରୁ ୨୮ କିଲୋମିଟର ଅଞ୍ଚଳରେ ତଟକ୍ଷୟ ହେଉଛି । ଏହାର ନିରାକରଣ ପାଇଁ ରାଜ୍ୟ ଅଥବା କେନ୍ଦ୍ର ସରକାର ତତ୍ପର ହେଉନାହାନ୍ତି । ଅପରପକ୍ଷେ ବିଜୁବାବୁ ରାଜନଗରରୁ ନିର୍ବାଚିତ ହୋଇ ରାଜ୍ୟରେ ଚହଳ ସୃଷ୍ଟି କରିଥିଲେ ।

## ସଂକ୍ଷେପରେ

### କାଏମା ମେଳଣ ପାଇଁ ପ୍ରସ୍ତୁତି ବୈଠକ

କାଏମା,୪।୩(ଡି.ଏନ୍.ଏ): ଧର୍ମଶାଳା ବ୍ଲକ ଅଧୀନ କାଏମା ଅଞ୍ଚଳର ବହୁ ପୁରାତନ ୧୩୧ତମ ମେଳଣ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଉପଦେଷ୍ଟା ପଦ୍ମନାଭ ସାହୁ, କ୍ଷେତ୍ରବାସୀ ସେନାପତି ଏବଂ ସଭାପତି ମଧୁସୂଦନ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୯ତାରିଖରେ ଛୋଟ ବଡ଼ ୨୫ରୁ ଊର୍ଦ୍ଧ୍ୱ ଦୋଳ ବିମାନ ବିଜେ କରିବା କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାତି ୧ଘଟିକା ସମୟରେ ଥାନପତି ବିଜେ କରିବା ବ୍ୟବସ୍ଥା ରହିଛି । କମିଟି ପକ୍ଷରୁ ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଆଦି ବ୍ୟବସ୍ଥା କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ଉପ ସଭାପତି ମାୟାଧର ସେନାପତି, ତପନ କିଶୋର ଷଡ଼ଙ୍ଗୀ, ସମ୍ପାଦକ କୁଳମଣି ସ୍ୱାଇଁ, ସହ ସମ୍ପାଦକ ଧ୍ରୁବଚରଣ ପୃଷ୍ଟି, ମନୋଜ ମହାରଣା, କୋଷାଧକ୍ଷ ପ୍ରଦୀପ୍ତ କିଶୋର ମହଲା ପ୍ରମୁଖ ଉପସ୍ଥିତ ଥିଲେ।

### ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କୁ ଶ୍ରଦ୍ଧାଞ୍ଜଳି

ରସୁଲପୁର,୪।୩(ଡି.ଏନ.ଏ.):ରସୁଲପୁର ବ୍ଲକ ନିକଟସ୍ଥ ରାହାସ ବିହାରୀ ମଠ ପରିସରରେ ବାପୁଜୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚକ୍ରଧର ସାହୁଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସାହୁ ବାପୁଜୀ ବରିଷ୍ଠ ନାଗରିକ ମଞ୍ଚର ସଭ୍ୟ ଥିଲେ। ଏହାଛଡ଼ା ସେ ଏକାଧାରରେ ଜଣେ ସ୍ପଷ୍ଟବାଦୀ, ନିର୍ଭୀକ ବ୍ୟକ୍ତି ଥିଲେ। ସେ ଅଧ୍ୟକ୍ଷ ଥିବା ବେଳେ ବହୁ ସାମାଜିକ କାର୍ଯ୍ୟ ପାଇଁ ଏକାନ୍ତରେ ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ କରୁଥିଲେ। ପରେ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ଦଳ, ବର୍ଗ, ଭିନ୍ନମତବାଦୀ ଲୋକଙ୍କ ସହ ବିଚାର ବିମର୍ଶ କରି ନିଷ୍ପତ୍ତି ନେଉଥିଲେ। ସେ ଜନସାଧାରଣଙ୍କୁ ଦେଉଥିବା ପ୍ରତିଶ୍ରୁତିକୁ ପାଳନ କରିବାରେ ସର୍ବଦା ଗୁରୁତ୍ୱ ଦେଇ ଆସୁଥିଲେ। କୌଣସି ଚାପ ଓ ପ୍ରଭାବ ଆଗରେ କଦାପି ମୁଣ୍ଡ ନୁଆଁଉ ନ ଥିଲେ। ତାଙ୍କର ଏ ସବୁ ଗୁଣ ପାଇଁ ସେ ବିଭିନ୍ନ ମହଲରେ ଶ୍ରଦ୍ଧାଭାଜନ ହୋଇପାରୁଥିଲେ ବୋଲି ସଭାରେ ଯୋଗଦେଇଥିବା ବକ୍ତାମାନେ ବକ୍ତବ୍ୟ ଛଳରେ ପ୍ରକାଶ କରିଥିଲେ। ବାପୁଜୀ ବରିଷ୍ଠ ନାଗରିକ ମଞ୍ଚ ଉପଦେଷ୍ଟା ଯୋଗେନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଶିଭୂଷଣ ସାହୁ, ସମ୍ମାନିତ ଅତିଥି ନାଗରିକ ମଞ୍ଚ ଉପଦେଷ୍ଟା ବିଜୟ କୁମାର ଦାଶ, ସମ୍ପାଦକ ବଟକୃଷ୍ଣ ସାହୁ, ସହ ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି ପ୍ରହଲ୍ଲାଦ ପଣ୍ଡା, କୋଷାଧକ୍ଷ ବାଇଧର ସାହୁ, ବାସୁଦେବ ପଲାଇ, ଜଟାଧାରୀ ସେଠୀ, ମହେଶ୍ୱର ମହାପାତ୍ର, ଦିଲୀପ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ପଣ୍ଡା, କୁଳମଣି ନାୟକ, ରାମଚନ୍ଦ୍ର ବେହେରା ଓ ସୁରେନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସାହୁଙ୍କ ବିୟୋଗରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ସିବିଆଇ ତଦନ୍ତ ଦାବି

## ପାଣିକୋଇଲିଠାରେ ୩୦ତମ ସତ୍ୟ ସନାତନ ଧର୍ମ ସମ୍ମିଳନୀ

ପାଣିକୋଇଲି,୪।୩(ଡି.ଏନ.ଏ.):

ପାଣିକୋଇଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସତ୍ୟ ସନାତନ ପ୍ରଜା ସମିତି ଆନୁକୂଲ୍ୟରେ ୩୦ତମ ସତ୍ୟ ସନାତନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲାର ବିଭିନ୍ନ ସ୍ଥାନରୁ ଯୋଗଦାନ କରିଥିବା ୩ଶହରୁ ଅଧିକ ଶିକ୍ଷାବିତ୍ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାସ୍ଥଳରୁ ଆସିଥିବା ଅଖଣ୍ଡ ଜ୍ୟୋତିକୁ ସ୍ୱାଗତ କରିଥିଲେ। ସତ୍ୟ ସନାତନ ପ୍ରଜା ସମିତି ରାଜ୍ୟ ସଭାପତି ଜନନେତା ଇଂ. ଦେବାଶିଷ ହୋତା ଉପସ୍ଥିତ ରହି କହିଥିଲେ, ୨୩ ଜାନୁୟାରୀ ୧୯୯୯ରେ ଖ୍ରୀଷ୍ଟିୟାନ ପାଦ୍ରୀ ଗ୍ରାହମ୍‌ଷ୍ଟେନଙ୍କୁ ହତ୍ୟା କରାଯାଇଥିଲା। ସେହିଦିନଠାରୁ ଷଡ଼ଯନ୍ତ୍ରକାରୀ ହିସାବରେ ଦାରାସିଂ ୨୪ ବର୍ଷ ହେବ ଜେଲରେ ଅଛନ୍ତି। ମାତ୍ର ୨୩ ଅଗଷ୍ଟ ୨୦୦୮ ଜନ୍ମାଷ୍ଟମୀ ଦିନ ସାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା କରାଯାଇଥିଲେ ମଧ୍ୟ ଷଡ଼ଯନ୍ତ୍ରକାରୀ ଆଜିଯାଏ ଗିରଫ ହୋଇନାହାନ୍ତି। ଆମ ଦେଶରେ ଖ୍ରିଷ୍ଟୀୟାନ ଏବଂ ହିନ୍ଦୁଙ୍କ ପାଇଁ କ'ଣ ଅଲଗା ନିୟମ ଅଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ପ୍ରକୃତ ସତ୍ୟାସତ୍ୟ ଉନ୍ମୋଚନ ପାଇଁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ନିମନ୍ତେ ହୋତା ନିବେଦନ କରିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବଜରଙ୍ଗ ଦଳର ଜିଲା ସଂଯୋଜକ ଚନ୍ଦ୍ରକାନ୍ତ କର, ପ୍ରଖଣ୍ଡ ସଂଯୋଜକ ଭୂପତିଭୂଷଣ ଦାସ, ଜିଲା ସୂଚନା ପ୍ରମୁଖ ଜୟନ୍ତ ଷଡ଼ଙ୍ଗୀ, ବିଶ୍ୱ ହିନ୍ଦୁ ପରିଷଦର ପ୍ରଖଣ୍ଡ ସଭାପତି ରାଜକିଶୋର ମଲ୍ଲିକ, ସମ୍ପାଦକ ହୃଷୀକେଶ ମହାନ୍ତି, ଧର୍ମାଚାର୍ଯ୍ୟ ପ୍ରମୁଖ ପଦ୍ମନାଭ ଶତପଥୀ, ଜିଲା ସୁରକ୍ଷା ପ୍ରମୁଖ ବାଦଲ ନାୟକ, ଦେବଦତ୍ତ ଭୂଇଁଆ, ରାଇଚରଣ ସାହୁ, ଶ୍ରୀକାନ୍ତ ଜେନା ଓ ଦିନେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମହାତ୍ମା ଦିଲ୍ଲେଶରାନନ୍ଦ ସମ୍ମିଳନୀରେ ଉପସ୍ଥିତ ରହି ପରମାତ୍ମା'ଙ୍କ ସାନିଧ ଲାଭର ପ୍ରକୃତ ମାର୍ଗ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ।



ସତ୍ୟ ସନାତନ ଧର୍ମ ସମ୍ମିଳନୀରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ୧୦ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ରାଜନଗର,୪।୩(ଡି.ଏନ.ଏ.): ଓସ୍ତିଆ ବନ୍ଧପାଟଣା ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଦଶମଶ୍ରେଣୀ ଛାତ୍ରୀଛାତ୍ରଙ୍କ ସମେତ ସ୍କୁଲର କର୍ମଚାରୀ ବିପ୍ର ଚରଣ ବଳଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉତ୍ସବରେ ପ୍ରଧାନଶିକ୍ଷକ ନଳିନୀ ରଞ୍ଜନ ରାଉତରାୟ ସଭାପତିତ୍ୱ କରିଥିଲେ । ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଅନିଲ କୁମାର ବଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦେଇ ଦୁର୍ନୀତିମୁକ୍ତ ସମାଜ ଗଠନ କରିବାକୁ ହେଲେ ,ତୁମକୁ କଠିନ ପରିଶ୍ରମ କରି ଭଲ ପାଠ ପଢ଼ିବାକୁ ହେବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଶିକ୍ଷାବିତ୍ ଗୌରାଙ୍ଗ ଚରଣ ସାହୁ ମୁଖ୍ୟବକ୍ତା, ଜଗନ୍ନାଥପୁର ଶାସନ ନୋଡ଼ାଲ ଶିକ୍ଷା ନିକେତନ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ବେହେରା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ନାରାୟଣ ଦାସ ,ପଣ୍ଡିତ କଳ୍ପତରୁ ଦାଶ ,ପ୍ରସନ୍ନ କୁମାର ଦାସ ,ଅକ୍ଷୟ କୁମାର ନାୟକ ,ଭାଗବତ ପ୍ରଧାନ , ଶତ୍ରୁଘନ ବଳ ,ସାମାଜିକ କର୍ମୀ ବାସୁଦେବ ବିଶ୍ୱାଳ , ଶିକ୍ଷାବିତ୍ ଅନାଦି ଚରଣ ବଳ ,ପରିଚାଳନା କମିଟି ସଭାପତି ଧୀରେନ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ । ଏହି ଅବସରରେ ପ୍ରାକ୍ତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରଞ୍ଚି ପ୍ରସାଦ ଜେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା

# ମହିଳା ସଚେତନ ହେଲେ ଘରୋଇ ହିଂସା କମିବ

## ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ସପ୍ତାହ ପାଳନ ସମାରୋହ

ଯାଜପୁର ଟାଉନ,୪।୩(ଡି.ଏନ.ଏ.):

ଜିଲା ସଦର ମହକୁମାସ୍ଥିତ ଜିଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଜିଲା ମିଶନ ଶକ୍ତି ଭବନଠାରେ ଅନ୍ତର୍ଜାତୀୟ ମହିଳା ସପ୍ତାହ ପାଳନ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯାଜପୁର ଅତିରିକ୍ତ ଜିଲାପାଳ ଦୁଖବନ୍ଧୁ ନାୟକ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ସରକାର ମା', ଶିଶୁ ଓ କିଶୋରୀଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ମହିଳାମାନେ ଶିକ୍ଷିତ ଓ ସଚେତନ ହୋଇ ସରକାରଙ୍କ ସବୁ ଯୋଜନାର ଫାଇଦା ନେବାକୁ ନିଜର ପାରଦର୍ଶିତା ଦେଖାଇ ପାରିଲେ ପରିବାର ଓ ସାମାଜିକ ଅର୍ଥନୈତିକ ଅଭିବୃଦ୍ଧି ଅଗ୍ରସର ହେବାସହ ପାରିବାରିକ ହିଂସା, ମାନବ ଚାଲାଣ, ବାଲ୍ୟବିବାହ ଏବଂ ଶିଶୁ ଶ୍ରମିକ ଭଳି ସମସ୍ୟାଗୁଡ଼ିକ ଦୂର ହୋଇପାରିବ। ଜିଲା ସମାଜ କଲ୍ୟାଣ ଅଧିକାରୀ ମଞ୍ଜୁଲତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାସ୍ତରୀୟ ମିଶନଶକ୍ତି ସଂଗଠନ ସଭାପତି ସୁଜାତା ସାହୁ, ସାଧାରଣ ସମ୍ପାଦିକା ମିନତି ସେନାପତି, ଯାଜପୁର ଜିଲା ପରିଷଦ ସଭ୍ୟା ରଶ୍ମିରେଖା ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପ୍ରମୁଖ ମଞ୍ଚାସୀନ ରହି ମହିଳା ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନାରେ ଜିଲା ପ୍ରକଳ୍ପ ସଂଯୋଜିକା ସେଫାଳୀ ସ୍ୱାଗତିକା, କାର୍ଯ୍ୟକ୍ରମ ଅଧିକାରୀ ସଂଯୁକ୍ତା ଘଡ଼ାଇ ସହଯୋଗ କରିଥିଲେ। ଅତିରିକ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀ ସୁବାସ ଚନ୍ଦ୍ର ସାମଲ ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ମୁଖ୍ୟ ଅତିଥି ୩ ମହିଳା ସୁପରଭାଇଜର, ୩ ଅଙ୍ଗନୱାଡି କର୍ମୀ ଏବଂ ୨ କିଶୋରୀ ବାଳିକାଙ୍କୁ ଯଥାକ୍ରମେ: ୩୫୦୦, ୩୫୦୦ ଏବଂ ୨୦୦୦ ଟଙ୍କାର ଅର୍ଥରାଶି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ।



ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ସପ୍ତାହ ପାଳନ ସମାରୋହରେ ଉପସ୍ଥିତ ଅତିଥି।


ଚିକିତ୍ସକ ସଂଘ ଓଡ଼ିଶା ଶାଖାର ସମ୍ମିଳନୀରେ ସମ୍ବର୍ଦ୍ଧିତ ଡାକ୍ତର ପ୍ରସନ୍ନ ସାହୁ ଓ ଅନ୍ୟମାନେ।

## ଡାକ୍ତର ପ୍ରସନ୍ନ ସାହୁଙ୍କୁ ସମ୍ବର୍ଦ୍ଧନା

ଯାଜପୁର ରୋଡ୍,୪।୩ (ଡି.ଏନ୍.ଏ.)

ଭାରତୀୟ ଚିକିତ୍ସକ ସଂଘ ଓଡ଼ିଶା ଶାଖାର ୭୨ତମ ବାର୍ଷିକ ସମ୍ମିଳନୀ ରାଉରକେଲା ଜୟପ୍ରକାଶ ହସ୍ପିଟାଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯାଜପୁର ରୋଡ୍‌ର ବରିଷ୍ଠ ଶିଶୁ ଚିକିତ୍ସା ବିଶେଷଜ୍ଞ ଡାକ୍ତର ପ୍ରସନ୍ନ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ୩୦୦ ବିଶେଷଜ୍ଞ ଚିକିତ୍ସକ ଯୋଗଦେଇଥିଲେ। ନୂତନ ପଦ୍ଧତିର ଚିକିତ୍ସା ସମ୍ପର୍କରେ ଡାକ୍ତର ସାହୁ ସାରଗର୍ଭକ ବିବରଣୀ ପ୍ରଦାନ କରିଥିଲେ। ଏହାବାଦ୍ ଗତ ଫେବୃୟାରୀ ୧୯ରୁ ୨୩ ଯାଏ ଗାନ୍ଧୀନଗର ମହାତ୍ମା କନଭେନଶନ ସେଣ୍ଟରରେ ୩୦ତମ ଆନ୍ତର୍ଜାତିକ ଶିଶୁ ଚିକିତ୍ସକ ସମ୍ମିଳନୀ ଅନୁଷ୍ଠିତ ହେଇଥିଲା। ସେଠାରେ ଡାକ୍ତର ସାହୁ ଅଧ୍ୟକ୍ଷତା କରି ନବଜାତ ଶିଶୁ ଓ ମାତୃଗର୍ଭରେ ଶିଶୁ ମୃତ୍ୟୁହାର ହ୍ରାସ ବିଷୟରେ ମତାମତ ଦେଇଥିଲେ। ସେହିପରି ଗତ ଫେବୃୟାରୀ ୬ରେ କଳିଙ୍ଗନଗର ମହୋତ୍ସବରେ ଶିଶୁ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡାକ୍ତର ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମାର୍ଚ୍ଚ ୩ରେ ବ୍ୟାସନଗରର ୨୫ ନମ୍ବର ୱାର୍ଡରେ ମାଗେ ପରବ-୨୦୨୩ ଉପଲକ୍ଷେ ଏକ ସ୍ୱାସ୍ଥ୍ୟ ସଚେତନତ ଶିବିରରେ ଯୋଗଦେଇ ଡାକ୍ତର ସାହୁ ଆଦିବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ବିଷୟରେ ବୁଝାଇଥିଲେ।

# ଧର୍ମଶାଳା କପ୍ ଫୁଟ୍‌ବଲ୍: ସେମିରେ ଖୋର୍ଦ୍ଧା


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଧର୍ମଶାଳା,୪।୩(ଡି.ଏନ.ଏ.):

ଧର୍ମଶାଳା ସ୍ପୋର୍ଟସ ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ ଅଷ୍ଟମ ଧର୍ମଶାଳା କପ୍ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଦ୍ୱିତୀୟ ଦିବସ ମ୍ୟାଚ୍‌ରେ ଧର୍ମଶାଳା ସ୍ପୋର୍ଟସ ଏକାଡେମୀକୁ ୩/୦ ଗୋଲରେ ପରାସ୍ତ କରି ସବର ସ୍ପୋର୍ଟିଂ ଖୋର୍ଦ୍ଧା ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ସବର ସ୍ପୋର୍ଟିଂ ଖୋର୍ଦ୍ଧା ଟିମ୍‌ର ଜଳଧର ନାୟକ, ସମୀର ବେହେରା ଓ ବାଦଲ ନାୟକ ଗୋଟିଏ ଲେଖାଏ ଗୋଲ କରି ଦଳକୁ ବିଜୟୀ କରାଇଥିଲେ। ମ୍ୟାଚ୍‌ରେ ଅତିଥି ଭାବେ ରାମ୍‌କୋ ସିମେଣ୍ଟ ଲିମିଟେଡ୍‌ର ଡିଜିଏମ୍ ସୁରେଶ ସିଂ ଯୋଗଦୋ ଯୋଗଦେଇ ଖେଳାଳିଙ୍କ ସହିତ ପରିଚିତ ହୋଇଥିଲେ। ମ୍ୟାଚ୍‌କୁ ଜ୍ୟୋତିରଞ୍ଜନ ସ୍ୱାଇଁ ପରିଚାଳନା କରିଥିବାବେଳେ ବୁଦ୍ଧିରାମ ହେମ୍ବ୍ରମ ଓ ରାଣାପ୍ରତାପ ଲାଇନରେ ସହାୟତା କରିଥିଲେ। ରବିବାର ମ୍ୟାଚ୍ ଖଡ଼ଗପୁର ଏଫ୍‌ସି ଟିମ୍ ସହ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଏକାଡେମୀ ସମ୍ପାଦକ ଅୟେସକାନ୍ତ ସ୍ୱାଇଁ ସୂଚନା ଦେଇଛନ୍ତି।

# ସରକାରୀ ରାସ୍ତା ଦଖଲକରି ଘର ନିର୍ମାଣ

- ଜିଲାପାଳଙ୍କୁ ଅଭିଯୋଗ ପରେ କାର୍ଯ୍ୟ ବନ୍ଦ
- ତୁରନ୍ତ ରାସ୍ତା ଜବରଦଖଲ ମୁକ୍ତ ପାଇଁ ଦାବି

ରସୁଲପୁର,୪।୩(ଡି.ଏନ.ଏ.)

ରସୁଲପୁର ତହସିଲ ଅଧୀନ ରାହାମ୍ବା ପଞ୍ଚାୟତ ସଦାନନ୍ଦପୁର ଗ୍ରାମର ଜୟୀରାମ ଦାସ ସରକାରୀ ରାସ୍ତା ଦଖଲ କରି କୋଠାଘର ନିର୍ମାଣ କରୁଛନ୍ତି। ତେଣୁ ଏହି ବେଆଇନ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ଦିଗରେ ପଦକ୍ଷେପ ନେବାକୁ ନ୍ୟାଶନାଲ କ୍ରାଇମ୍ ଇନଭେଷ୍ଟିଗେଶନ ବ୍ୟୁରୋ(ଏନ୍‌ସିଆଇବି)ପକ୍ଷରୁ ଯାଜପୁର ଜିଲାପାଳ, ରସୁଲପୁର ତହସିଲଦାରଙ୍କ ନିକଟରେ ଦାବି କରାଯିବା ପରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ମାତ୍ର ବ୍ୟକ୍ତିଗତ ଅକ୍ତିଆରକୁ ଚାଲିଯାଇଥିବା ସରକାରୀ ରାସ୍ତା କେବେ ଜବରଦଖଲ ମୁକ୍ତ ହେବ ତାହାକୁ ଗ୍ରାମବାସୀ ଅପେକ୍ଷା କରିଛନ୍ତି। ନ୍ୟାଶନାଲ କ୍ରାଇମ୍ ଇନଭେଷ୍ଟିଗେଶନ ବ୍ୟୁରୋର ସାମାଜିକ କ୍ରାଇମ ଡିଭିଜନ, ଯାଜପୁର ଶାଖାର ଜିଲା ନିର୍ଦ୍ଦେଶକ ସୁଦାମ ଦାସଙ୍କ ଅଭିଯୋଗ ମୁତାବକ, ଖତିୟାନ ନମ୍ବର-୨୯୨ ଓ ପ୍ଲଟ ନମ୍ବର ୨୬୯ ଉପରେ ସର୍ବସାଧାରଣ ରାସ୍ତା ରହିଛି। ମାତ୍ର ଉକ୍ତ ରାସ୍ତାକୁ ଦଖଲ କରି ଜୟୀରାମ ଓ ତାଙ୍କ ପୁଅ କୋଠାଘର ନିର୍ମାଣ କରୁଛନ୍ତି। ଉକ୍ତ ବେଆଇନ କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରିବା ସହ ଏ ଦିଗରେ ବ୍ୟୁରୋର ନିର୍ଦ୍ଦେଶକଙ୍କୁ ଅବଗତ କରାଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ବ୍ୟୁରୋର ନିର୍ଦ୍ଦେଶକ ଦାସ ଫେବୃୟାରୀ ୨୩ରେ ଯାଜପୁର ଜିଲାପାଳ ଓ ରସୁଲପୁର ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ତହସିଲ କାର୍ଯ୍ୟାଳୟ ପକ୍ଷରୁ ରାଜସ୍ୱ ନିରୀକ୍ଷକଙ୍କୁ ଘଟଣାସ୍ଥଳ ପରିଦର୍ଶନକରି ସରଜମିନ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ନିର୍ଦ୍ଦେଶ ମୁତାବକ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବେଆଇନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବାକୁ ଜବରଦଖଲକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ରାସ୍ତା କାର୍ଯ୍ୟ ବନ୍ଦ ରହିଛି। ରାସ୍ତା ଅବରୋଧ କରାଯାଇ ଘର ନିର୍ମାଣ ହେଲେ ଗ୍ରାମ୍ୟ ରାସ୍ତାରେ ଗାଡ଼ିମୋଟର ଯାତାୟାତରେ ଅସୁବିଧା ଉପୁଜିବ। ଏପରି କି ଲୋକଙ୍କ ସୁଗମ ଗମନାଗମନରେ ବାଧା ସୃଷ୍ଟି ହେବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଉଛି। ତେଣୁ ତୁରନ୍ତ ରାସ୍ତାକୁ ଅବରୋଧ ମୁକ୍ତ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।


ରାସ୍ତାରେ ନିର୍ମାଣ କରାଯାଇଥିବା ଘର।

## ସଂକ୍ଷେପରେ

### ଗ୍ରାମଦେବତୀ ମନ୍ଦିରରୁ ଚୋରି

**ବାଲିକୁଦା,୪।୩(ସ୍ୱ.ପ୍ର.):** ବାଲିକୁଦା ଥାନା ଅନ୍ତର୍ଗତ ନଲରା ଗ୍ରାମରେ ଥିବା ଗ୍ରାମ ଦେବତୀ ମା'ଉଗ୍ରତାରା ମନ୍ଦିରରୁ ଶୁକ୍ରବାର ରାତିରେ ବିଭିନ୍ନ ଅଳଙ୍କାର ସମେତ ବାସନକୁସନ ଆଦି ଚୋରି ହୋଇଥିବା ନେଇ ସ୍ଥାନୀୟ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୧୦୩/୨୩) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ ମାସେ ତଳେ ଏହି ମନ୍ଦିର ପ୍ରତିଷ୍ଠା ହୋଇଥିଲା। ଏହି ସମୟରେ ଗ୍ରାମବାସୀଙ୍କ ପକ୍ଷରୁ ଅନେକ ଭକ୍ତ ମାଙ୍କ ଉଦ୍ଦେଶ୍ୟରେ ସ୍ୱର୍ଣ୍ଣ ମୁକୁଟ, ଅନ୍ୟାନ୍ୟ ଅଳଙ୍କାର, ପିତଳ ବାସନ କୁସନ, ବାଲିଟି, ଢାଳ ସମେତ ଘଣ୍ଟ ଓ ଘଣ୍ଟି ଆଦି ପ୍ରଦାନ କରିଥିଲେ। ଶନିବାର ରାତିରେ ଏହି ମନ୍ଦିର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ମା'ଙ୍କ ସମସ୍ତ ଅଳଙ୍କାର ସମେତ ବାସନ କୁସନ ଆଦି ଚୋରି କରି ନେଇଛନ୍ତି। ଏସବୁ ସାମଗ୍ରୀର ଆନୁମାନିକ ମୂଲ୍ୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଫାଣ୍ଡି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ବାଲିକୁଦା ଥାନା ଅଧିକାରୀ ସଲୀଳ ପ୍ରଧାନ କହିଛନ୍ତି।

### ମହିଳା ସଶକ୍ତୀକରଣ ନାଁରେ ଭୁଆଁ ବୁଲାଇ ଭୋଟବ୍ୟାଙ୍କ ବଢ଼ାଇବାକୁ ବିଜେଡିର ପ୍ରୟାସ : ସମ୍ପଦ

**କୁଜଙ୍ଗ, ୪।୩(ଡି.ଏନ୍.ଏ.):** ମହିଳା ସଶକ୍ତୀକରଣ ନାଁରେ ମା' ଭଉଣୀମାନଙ୍କୁ ଭୁଆଁ ବୁଲାଇ ବିଜେଡି କେବଳ ଭୋଟବ୍ୟାଙ୍କ ବୃଦ୍ଧି କରିବା ପାଇଁ ଯେଉଁ ହୀନ ପ୍ରୟାସ କରୁଛି ତାହା କେବେ ସଫଳ ହେବନାହିଁ। କେନ୍ଦ୍ରର ଭାଜପା ସରକାର ମହିଳାମାନଙ୍କ ନିମନ୍ତେ ଅନେକ କଲ୍ୟାଣକାରୀ ଯୋଜନା କରିଛନ୍ତି। ରାଜ୍ୟର ବିଜେଡି ସରକାରର ଅସଲରେ ମା' ମାଉସୀଙ୍କ ପ୍ରତି କେତେ ଭଲପାଇବା ଅଛି ତାହା ପ୍ରତିଦିନ ମହିଳାଙ୍କ ପ୍ରତି ଘଟୁଥିବା ନିର୍ଯାତନା ଓ ଅତ୍ୟାଚାରରୁ ସ୍ପଷ୍ଟ ଜଣାପଡୁଛି ବୋଲି ରାହାମା କଲ୍ୟାଣ ମଣ୍ଡପଠାରେ ଆୟୋଜିତ ପାରାଦୀପ ନିର୍ବାଚନମଣ୍ଡଳୀ ଭାଜପା ମହିଳା ମୋର୍ଚ୍ଚା ବୈଠକରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଦଳୀୟ ନେତା ସମ୍ପଦ ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। ଅନ୍ୟପଟେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କେନ୍ଦ୍ର ସରକାର କରିଥିବା ସମସ୍ତ ଯୋଜନା ସମ୍ପର୍କରେ ସେ ସୂଚନା ଦେବାସହ ଏହି ଯୋଜନା ସବୁ କିପରି ଘରେ ଘରେ ପହଁଚିବ ସେଥିପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ରାହାମା ମଣ୍ଡଳ ଭାଜପା ମହିଳାମୋର୍ଚ୍ଚା ସଭାନେତ୍ରୀ ପ୍ରତିମା ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମହିଳାମୋର୍ଚ୍ଚା ଜିଲା ଉପସଭାନେତ୍ରୀ ଦୀପ୍ତିମୟୀ ବସ୍ତିଆ, ମଣ୍ଡଳ ମହିଳାମୋର୍ଚ୍ଚା ସଭାନେତ୍ରୀ ସଂଯୁକ୍ତା ସାମଲ, ବିଷ୍ଣୁପ୍ରିୟା ଲେଙ୍କା, ପୁଷ୍ପାଞ୍ଜଳି ପ୍ରଧାନ, ଲକ୍ଷ୍ମୀପ୍ରିୟା ଚୌଧୁରୀ, ଯୁବନେତା ପ୍ରତାପ ଦାସ, ରାହାମା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ପ୍ରସନ୍ନ କୁମାର ସ୍ୱାଇଁ, ନୃସିଂହ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ।

### ବିଜୁ ଜୟନ୍ତୀ ପାଇଁ ପ୍ରସ୍ତୁତି

**ବିରିଡି, ୪।୩ (ସ୍ୱ.ପ୍ର.):** ବିରିଡି ବ୍ଲକର ଅଢଙ୍ଗ ଶାସନରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୭ ତମ ଜୟନ୍ତୀ ପାଳନ ପାଇଁ ଜୋରଦାର ପ୍ରସ୍ତୁତି କରାଯାଇଛି। ଏଥିରେ ୨ ହଜାରରୁ ଊର୍ଦ୍ଧ୍ୱ ମହିଳା, ଯୁବକ, ଛାତ୍ର ଓ ଦଳୀୟ କର୍ମୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ବାଲିଆସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ରବୀନ୍ଦ୍ର ରାଉଳ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ବିରିଡି ରୋଡସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ କର୍ମୀମାନେ ଏକତ୍ରିତ ହୋଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଅର୍ପଣ କରିବେ। ଏହାପରେ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟାଯିବ। ଅପରାହ୍ନରେ କଇଜଙ୍ଗା ବଜାରରେ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରୁ ଏକ ବାଇକ ଶୋଭାଯାତ୍ରା ବାହାରି ଅଢଙ୍ଗ ଶାସନଠାରେ ହୋଇଥିବା ସଭା ମଞ୍ଚ ପାଖରେ ପହଞ୍ଚିବ। ବ୍ଲକ ଅଧକ୍ଷା ମମତା ପାତ୍ର, ନାରୀ ନେତ୍ରୀ ସରୋଜିନୀ ବେହେରା, କାଳନ୍ଦି ବସ୍ତିଆ, ଶିବପ୍ରସାଦ ଜେନା, ନେତ୍ରାନନ୍ଦ ପାତ୍ର, ଲିଙ୍ଗରାଜ ଦାସ, ପବିତ୍ର ପଶାୟତ୍ତ ଓ ପ୍ରଦୀପ୍ତ ଭୂୟାଁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ପୋଲିସ, ଟ୍ରକ୍ ମାଲିକ ହାତାହାତି


ପାରାଦୀପ ଲକ୍ ଥାନାକୁ ଟ୍ରକ୍ ମାଲିକ ସଂଘର ସଦସ୍ୟମାନେ ଘେରାଉ କରିଛନ୍ତି।

**ପାରାଦୀପ,୪।୩(ସ୍ୱ.ପ୍ର.)**

- ଟ୍ରକ୍ ପାସ୍ କରାଇବାକୁ ନେଇ ଗଣ୍ଡଗୋଳ
- ୨ କୋର୍ଟ ଚାଲାଣ
- ପ୍ରତିବାଦରେ ଥାନା ଘେରାଉ, ରାଜପଥ ଅବରୋଧ

ପାରାଦୀପ ଚଣ୍ଡିଖୋଲ ୫୩ ନଂ ଜାତୀୟ ରାଜପଥ ଲକ୍ ଥାନା ପାଖରେ ଶୁକ୍ରବାର ବିଳମ୍ବିତ ରାତିରେ ପୋଲିସ ଓ ଟ୍ରକ ମାଲିକଙ୍କ ମଧ୍ୟରେ ହାତାହାତି ହୋଇଛି। ଲୁହାପଥର ବୋଝେଇ ଟ୍ରକ ପାସ କରାଇବା ନେଇ ଏହି ଗଣ୍ଡଗୋଳ ହୋଇଥିବା ଜଣାପଡ଼ିଛି। ଏନେଇ ଶନିବାର ସକାଳୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଟ୍ରକ ମାଲିକ ସଂଘ ପକ୍ଷରୁ ପ୍ରତିବାଦ କରାଯାଇ ଧାରଣା ଦିଆଯାଇଛି। ଅପରପକ୍ଷେ ପୋଲିସ ସହ ଗଣ୍ଡଗୋଳ ଘଟଣାରେ ୨ ଟ୍ରକ୍ ମାଲିକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ପାରାଦୀପ ଟ୍ରକ ମାଲିକସଂଘର ଉପସଭାପତି ପ୍ରଦୀପ୍ତ ଗାହାଣ ଓ ପ୍ରମୋଦ ପ୍ରତିହାରୀ। ଏନେଇ ଥାନାରେ ମାମଲା (ନଂ. ୧୦୭/୨୩) ରୁଜୁ ହୋଇଛି।

ପ୍ରକାଶ ଯେ, ଶୁକ୍ରବାର ରାତିରେ ଲକ୍ଥାନା ଅନ୍ତର୍ଗତ ରାଜପଥର ବିଶ୍ୱାଳୀ ପାଖରେ ପୋଲିସ କିଛି ଲୁହାପଥର ବୋଝେଇ ଟ୍ରକକୁ ଧାଡ଼ି ଭାଙ୍ଗି ପାସ୍ କରାଉଥିଲେ। ବେଆଇନ ଭାବେ ଏହି କାର୍ଯ୍ୟ କରାଯାଉଥିବା ଅଭିଯୋଗ କରି ପ୍ରଦୀପ୍ତ ଓ ପ୍ରମୋଦ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଏନେଇ ଉଭୟେ ପିସିଆର୍ ଭ୍ୟାନରେ ଥିବା ଏଏସ୍ଆଇ ଆଲୋକ ମହାନ୍ତିଙ୍କ ସହ ଯୁକ୍ତିତର୍କ କରିଥିଲେ। କଥା ବଢ଼ି ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଏହାପରେ ପୋଲିସ ସେମାନଙ୍କୁ ନେଇ ଥାନାରେ ଅଟକ ରଖିଥିଲା। ଏହି ଖବର ଜଣାପଡ଼ିବା ପରେ ଶନିବାର ସକାଳୁ ସଂଘର ଅନ୍ୟ ସଦସ୍ୟମାନେ ଥାନାରେ ପହଞ୍ଚି ଭିଡ କରିଥିଲେ। ଟ୍ରକ ମାଲିକମାନେ ସେଠାରେ ପହଞ୍ଚି ଉଭୟଙ୍କୁ ଛାଡିବା ପାଇଁ ଚାପ ପକାଇଥିଲେ। କିନ୍ତୁ ପୋଲିସର କଠୋର ମନୋଭାବ ଦେଖି ଥାନାର ମୁଖ୍ୟ ପ୍ରବେଶ ପଥରେ ପାଲ ପକାଇ ସେମାନେ ଧାରଣା ଦେଇଥିଲେ। ମଧ୍ୟାହ୍ନ ୧୨ଟା ବେଳେ ମାଲିକସଂଘର କର୍ମକର୍ତ୍ତା ଓ ପୋଲିସ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ଗିରଫ ଟଳି ନ ଥିଲା। ଶେଷରେ ପୋଲିସ ଧାରଣାକାରୀଙ୍କୁ ହଟାଇ ସେମାନଙ୍କୁ କୋର୍ଟ ଚାଲାଣ କରିଛି। ଏହାର ପ୍ରତିବାଦରେ ଧାରଣାକାରୀମାନେ ଥାନା ଆଗରୁ ପାଲ ଉଠେଇ ରାଜପଥ ଉପରେ ପକାଇ ଅବରୋଧ କରିଥିଲେ। ଏଥିଯୋଗୁ ଶତାଧିକ ଗାଡ଼ି ସେଠାରେ ଅଟକି ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଅପରାହ୍ନ ୨ ଟାରେ ପୋଲିସ ସହ ପୁନର୍ବାର ଆଲୋଚନା ହେବା ପରେ ଧାରଣା ପତ୍ୟାହୃତ ହୋଇଛି।

ଏ ସମ୍ପର୍କରେ ମାଲିକ ସଂଘର ସଭାପତି ସୁମନ୍ତ କୁମାର ବିଶ୍ୱାଳ କୁହନ୍ତି, ପୋଲିସ ପ୍ରତିଦିନ ରାତିରେ ପ୍ରାୟ ୨୦୦ ରୁ ୩୦୦ ଟ୍ରକକୁ ବେଆଇନ୍ ଭାବେ ପାସ କରାଇ ୨ରୁ ୩ ଲକ୍ଷ ଟଙ୍କା ଆଦାୟ କରୁଛି। ଗାଡ଼ିମାଲିକ ମାନେ ଏହାକୁ ବିରୋଧ କରିବାରୁ ଉଚ୍ଚବାଚ ହୋଇଥିଲା। ପୋଲିସ ନିଜ ଆଡୁ ମାମଲା ରୁଜୁ କରି ଟ୍ରକ୍ ମାଲିକ ସଂଘର ସଦସ୍ୟଙ୍କୁ ଗିରଫ କରିଛି। କିନ୍ତୁ ସଂଘ ପକ୍ଷରୁ ଦିଆଯାଇଥିବା ଏତଲାକୁ ପୋଲିସ ଗ୍ରହଣ କରୁନାହିଁ। ଏହି ଘଟଣାକୁ ନେଇ ସବୁ ସଂଘ ପକ୍ଷରୁ ମିଳିତ ବୈଠକ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଥାନା ଅଧିକାରୀ ଭାବଗ୍ରାହୀ ରାଉତ ଟ୍ରକ୍ ପାସ କରାଇବା ଅଭିଯୋଗକୁ ଖଣ୍ଡନ କରିବା ସହ ମିଥ୍ୟା ଆରୋପ ବୋଲି କହିଛନ୍ତି।

# ମହିଳାଙ୍କ ମୃତଦେହ ନିକଟରେ ୪ ଘଣ୍ଟା ଲୁହ ଝରାଇଲା ହନୁ


ମଞ୍ଜୁ ଦାସଙ୍କ ମୃତଦେହକୁ ହନୁମାଙ୍କଡ ଜଗିବସିଛି।

**ଏରସମା,୪।୩(ସ୍ୱ.ପ୍ର.)**

ଜଣେ ମହିଳାଙ୍କ ମୃତ ଦେହ ନିକଟରେ ଏକ ବୁଲା ବାନର ଦୀର୍ଘ ୪ଘଣ୍ଟା ବସି ରହି ଲୁହ ଝରାଇଛି। ଏରସମା ବ୍ଲକ ଅନ୍ତର୍ଗତ ନୂଆଗାଁରେ ଘଟିଥିବା ଏହି ଘଟଣା ଆଲୋଚନାର ବିଷୟବସ୍ତୁ ହୋଇଛି। ଏହାକୁ ଦେଖିବାକୁ ଶତାଧିକ ଲୋକ ସମବେତ ହୋଇଥିଲେ। ନୂଆଗାଁର ସ୍ୱର୍ଗତ ପ୍ରଦୀପ ଦାସଙ୍କ ସ୍ତ୍ରୀ ମଞ୍ଜୁ ଦାସ(୪୬)ଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ଜଣେ ଧର୍ମପରାୟଣ ମହିଳା ଥିଲେ। ତାଙ୍କ ଅକାଳ ବିୟୋଗରେ ବନ୍ଧୁ ପରିଜନଙ୍କ ମଧ୍ୟରେ ଶୋକର ଛାୟାଖେଳି ଯାଇଛି। ଗ୍ରାମବାସୀ ଶେଷକୃତ୍ୟ ସମ୍ପନ୍ନ କରିବା ପାଇଁ ଉଦ୍ୟମ କରିବାବେଳେ ଏକ ବୁଲା ହନୁ ମାଙ୍କଡ଼ ସେଠାରେ ପହଞ୍ଚି ମୃତ ମଞ୍ଜୁଙ୍କ ଘର ଭିତରକୁ ପଶିଯାଇଥିଲା। ଲୋକେ ଏହା ଦେଖି ଆଡେଇ ହୋଇଯିବାରୁ ସେ ସିଧା ମଞ୍ଜୁଙ୍କ ମୃତଦେହ ନିକଟରେ ପହଞ୍ଚି ସେଠାରେ ବସିଥିଲା। ଉକ୍ତ ମାଙ୍କଡ଼ ସହ ମଞ୍ଜୁଙ୍କ କୌଣସି ସମ୍ପର୍କ ନ ଥିଲେ ମଧ୍ୟ ସେ ସେଠାରେ ଦୀର୍ଘ ସମୟ ଧରି ବସି ରହିଥିଲା। ହେଲେ କାହାର କିଛି କ୍ଷତି କରି ନ ଥିଲା। ମାଙ୍କଡ଼ଟି ଅଧିକାଂଶ ସମୟରେ ମୃତଦେହ ନିକଟରେ ମୁଣ୍ଡ ତଳକୁ କରି ଲୁହ ଝରାଉଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଉକ୍ତ ମାଙ୍କଡ଼ଟି ସେଠାରୁ ପଳାଇଯିବା ପରେ ମୃତଦେହ ସଂସ୍କାର କରାଯାଇଥିଲା ବୋଲି ପରିବାର ସଦସ୍ୟ କହିଛନ୍ତି।

# ବିରୋଧୀଙ୍କ ଆକ୍ରୋଶକୁ ବରଦାସ୍ତ କରାଯିବ ନାହିଁ


ବୈଠକରେ ଯୋଗଦେଇଥିବା କଂଗ୍ରେସ କର୍ମୀମାନେ।

**ରଘୁନାଥପୁର,୪।୩(ଡି.ଏନ୍.ଏ.)**

**କଂଗ୍ରେସର ପଞ୍ଚାୟତସ୍ତରୀୟ କର୍ମୀ, ବୁଥ୍ କମିଟି ବୈଠକ**

ରଘୁନାଥପୁର ବ୍ଲକ ତାରପୁର ସ୍ଥିତ ବାନାମ୍ବର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶନିବାର ଅପରାହ୍ନରେ ବ୍ଲକ କଂଗ୍ରେସ ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ବୈଠକ ଓ ବୁଥ କମିଟି ଗଠନ କରାଯାଇଛି। ଏଥିରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ଯୁବନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ ଯୋଗଦେଇ ଦଳର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ, କଂଗ୍ରେସ କର୍ମୀମାନେ ବିଭିନ୍ନ ସମୟରେ ବିରୋଧୀ ଶାସକ ଦଳର ଆକ୍ରୋଶର ଶିକାର ହେଉଛନ୍ତି। ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟରେ ପକ୍ଷପାତିତାର ଶିକାର ହେଉଛନ୍ତି। ଏହାକୁ ଆଉ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ମଲ୍ଲିକ କହିଥିଲେ। ସାଧାରଣ ଜନତାଙ୍କୁ ନ୍ୟାୟ ଦେବାପାଇଁ ଥାନା, ବ୍ଲକ ଓ ତହସିଲ ଆଦିରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସେ ମତବ୍ୟକ୍ତ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା, ପଞ୍ଚାୟତ ସଭାପତି ବିଷ୍ଣୁ ବିଶ୍ୱାଳ, ପଦ୍ମଚରଣ ସାହୁ, ତ୍ରିଲୋଚନ ପଣ୍ଡା, ବିଜୟ ଦାସ, ପ୍ରଦୀପ ନାୟକ, ଲକ୍ଷ୍ମଣ ଦାଶ, ଅରକ୍ଷିତ ଦାସ ପ୍ରମୁଖ ଯୋଗଦେଇଥିଲେ। ତୃଣମୂଳସ୍ତରରେ ଦଳୀୟ ସଙ୍ଗଠନକୁ ମଜ୍‌ଭୁତ୍ କରି ଅଧିକରୁ ଅଧିକ ମହିଳାଙ୍କୁ ସାମିଲ କରିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ବୁଥ କମିଟି ଗଠନ କରାଯାଇ ଆଗାମୀ ଦିନରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ପାଇଁ ସ୍ଥିର କରାଯାଇଛି ବୋଲି ଇଂ.ମଲ୍ଲିକ ପ୍ରକାଶ କରିଥିଲେ।

# ଜମିଜମା ଗଣ୍ଡଗୋଳକୁ ନେଇ ୨ ମାମଲା ରୁଜୁ

**ଡେରାବିଶ,୪।୩(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ସୋରିଷିଆ ଗ୍ରାମରେ ୨ ପରିବାର ମଧ୍ୟରେ ଜମିବାଡ଼ି ଗଣ୍ଡଗୋଳକୁ ନେଇ ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇଛି। ଅଭିଯୋଗ ମୁତାବକ ଗତ ୨୬ ତାରିଖ ଦିନ ଗ୍ରାମର ଜିତେନ୍ଦ୍ର ନାୟକଙ୍କ ସ୍ତ୍ରୀ ଅନିତାଙ୍କୁ ସେହି ଗ୍ରାମର ମହେନ୍ଦ୍ର ନାୟକ ତାଙ୍କ ସ୍ତ୍ରୀ ଅଞ୍ଜଳୀ, ପୁଅ କମଳେଶ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସ୍ୱାମୀ ଜିତେନ୍ଦ୍ର ପହଞ୍ଚି ତାଙ୍କୁ ସେମାନଙ୍କ କବଳରୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ଗତ ୨୭ ତାରିଖରେ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା(ନଂ.୨୦୧/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାର ୫ ଦିନ ପରେ ମହେନ୍ଦ୍ରଙ୍କ ସ୍ତ୍ରୀ ଅପର୍ଣ୍ଣା ସଦର ଥାନାରେ ଅଭିଯୋଗ କରିଛନ୍ତି କି ଜିତେନ୍ଦ୍ର ନାୟକ ତାଙ୍କ ସ୍ତ୍ରୀ ଅନିତା, ଭଞ୍ଜ କିଶୋର ନାୟକ ଓ କାହ୍ନୁ ଚରଣ ନାୟକ ତାଙ୍କୁ ରାସ୍ତା ଉପରେ ଅର୍ଦ୍ଧ ଉଲଗ୍ନ କରି ମାରଧର କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ସଦର ଥାନାରେ ଏକ ମାମଲା(ନଂ.୨୦୩/୨୩) ରୁଜୁ କରାଯାଇଛି। ଉଭୟ ମାମଲାରେ ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀ ତଦନ୍ତ ଅଧିକାରୀ ଭାବେ ତନାଘନା ଚଳାଛନ୍ତି।

# ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର

**ତିର୍ତ୍ତୋଲ,୪।୩ ( ଡି.ଏନ.ଏ.)**

ଜଗତସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ପୋରଗଡେଇ ସ୍ଥିତ ସଞ୍ଜୟ ମହାନ୍ତି ରାଧାଗୋବିନ୍ଦ ହାଇସ୍କୁଲ ପରିସରରେ ଥିବା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଓସଡମା ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିବିରାର୍ଥୀମାନଙ୍କୁ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷକମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ପଙ୍କଜିନୀ ବିକାଶ ପରିଷଦ ତରଫରୁ ପ୍ରଶିକ୍ଷକ ଭାବେ ଅଜୟ କୁମାର ଦଳାଇ, ଅବିନାଶ ସ୍ୱାଇଁ, ଯଦୁନାଥ ସାହୁ ଯୋଗଦେଇଥିଲେ। ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ ପୋଲିସ ଅଧିକାରୀ ବଂଶୀଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା।

# 'ଶୂନ ଦୁର୍ଘଟଣା ଲକ୍ଷ୍ୟରେ ସମସ୍ତେ କାର୍ଯ୍ୟ କରିବା ଦରକାର'


ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

**ପାରାଦୀପ,୪।୩(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ଅଥରିଟି (ପିପିଏ) ପକ୍ଷରୁ ଶନିବାର ୫୨ତମ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଏକ ସଚେତନତା ରଥ ଶୋଭାଯାତ୍ରାରେ ବାହାରି ମଧୁବନ ଅଫିସର୍ସ କ୍ଲବ ଠାରୁ ପୋର୍ଟ ୪ ନଂ. ଗେଟ ପର୍ଯ୍ୟନ୍ତ ଯାଇଥିଲା। ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଏହାକୁ ଉଦ୍‌ଘାଟନ କରିଥିଲେ। ଶୂନ ଦୁର୍ଘଟଣା ଲକ୍ଷ୍ୟ ନେଇ ସମସ୍ତେ କାର୍ଯ୍ୟ କରିବା ଦରକାର ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୁଖ ବରିଷ୍ଠ ଅଧିକାରୀ ଅଲେଖ ଚନ୍ଦ୍ର ସାହୁ, ଚନ୍ଦନ ପାଣିଗ୍ରାହୀ, ଦୀପକ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**ଧରିତ୍ରୀ ପ୍ରଭାବ**

**ଜଗତ୍‌ସିଂହପୁର ଅଫିସ, ୪।୩**

ଜଗତ୍‌ସିଂହପୁର ସଦର ମହକୁମାସ୍ଥିତ ବଙ୍ଗଳା ଛକ ନିକଟରେ ଜଳ ସମ୍ପଦ ବିଭାଗର ୧୦ ନମ୍ବର ଡିଷ୍ଟ୍ରିବ୍ୟୁଟାରିର ପୋଷ୍ଟ ଅଫିସ ସ୍କୋୟାରରୁ ଏଲ୍ଆଇସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଚାଲିଥିବା ବକ୍ସ କଲଭର୍ଟ ନିର୍ମାଣରେ ବଡ ଧରଣର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ପୁରୁଣା କଲଭର୍ଟ ପାର୍ଶ୍ୱରେ ମରାଯାଇଥିବା ଫଳକରେ ଠିକାଦାରଙ୍କ ନାମ, କାମ ଆରମ୍ଭ ଓ ଶେଷ ତାରିଖ, ପ୍ରକଳ୍ପର ମୂଲ୍ୟ ୩,୬୦,୬୮,୫୩୯ ଟଙ୍କା ଉଲ୍ଲେଖ ଥିଲେ ସୁଦ୍ଧା ସର୍ବସାଧାରଣଙ୍କ ଜାଣିବା ନିମନ୍ତେ ଆବଶ୍ୟକ ସୂଚନା ଉଲ୍ଲେଖ କରାଯାଇନାହିଁ। ସେଥିରେ କଂକ୍ରିଟ, ଷ୍ଟିଲ (ରଡ୍), ଗୋଡି ଓ ସିମେଣ୍ଟ ଆଦିର ବ୍ରାଣ୍ଡ ଓ ଗ୍ରେଡ୍‌ର ପରିମାଣ ସମ୍ପର୍କରେ ଦର୍ଶାଯାଇ ନାହିଁ। କାନ୍ଥ ଓ ଛାତର ଲମ୍ବା, ପ୍ରସ୍ଥ, ମୋଟେଇ ସାଙ୍ଗକୁ ତଳ ବେଡ୍‌ର କଂକ୍ରିଟ୍ର ଭାଗମାପ, ରଡ ବାଇଣ୍ଡିଂ ଗ୍ୟାପ (ଦୂରତା) ଆଦି ଉପରେ କୌଣସି ସୂଚନା ଦିଆଯାଇନାହିଁ। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ଜଗତ୍‌ସିଂହପୁର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ବୁଝିବାକୁ ଚେଷ୍ଟା କଲେ ମଧ୍ୟ ତଥ୍ୟ ଲୁଚାଯାଉଛି। ଏପରି କି ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ନାନା ବାହାନା ଦେଖାଯାଇ ତଥ୍ୟ ଦିଆଯାଉନାହିଁ। ଅପରପକ୍ଷେ କେନାଲ ଉଭୟ ପାର୍ଶ୍ୱ, ଶଯ୍ୟା ଆଦି ମନଇଚ୍ଛା ଖୋଳାଚାଲିଛି। ରାସ୍ତା ପାର୍ଶ୍ୱ ତଡାଯାଇ ତାହାକୁ କେନାଲ ଚଟାଣରେ ବିଛାଯାଉଛି। ଫଳରେ ଏହା ପାର୍ଶ୍ୱରେ ଥିବା ବିଦ୍ୟୁତ, ଟେଲିଫୋନ୍ କେବୁଲ ସାଙ୍ଗକୁ ଖୁଣ୍ଟ, ଜାତୀୟ ରାଜପଥ ଓ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ଲଗାଯାଇଥିବା ପାମ ଗଛ ସାଙ୍ଗକୁ ତା'ଚାରିପଟେ ହୋଇଥିବା ପିଣ୍ଡି ମଧ୍ୟ ପ୍ରଭାବିତ ହେଉଛି। ଜଳ ସମ୍ପଦ ବିଭାଗ ଜଗତ୍‌ସିଂହପୁର ଅଧୀକ୍ଷଣ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ କାମ ଚାଲିଥିବାବେଳେ ଜାତୀୟ ରାଜପଥ, ଟାଟା ପାୱାର, ବିଏସ୍ଏନ୍ଏଲ୍ ଓ ଜଗତ୍‌ସିଂହପୁର ପୌର ପରିଷଦ ସହ ସମନ୍ୱୟ ରକ୍ଷା କରାଯାଇ ନ ଥିବାରୁ ସରକାରୀ ଅର୍ଥ ବରବାଦ ହେଉଛି। ଏ ସଂକ୍ରାନ୍ତୀୟ ଖବର ଗତ ୨ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇବା ପରେ ଜିଲା ପ୍ରଶାସନର ଚେତା ପଶିଛି। ଜିଲାପାଳଙ୍କ ଅନୁପସ୍ଥିତିକ୍ରମେ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଏନେଇ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ ଶତପଥୀଙ୍କୁ ପ୍ରକାଶିତ ଖବର ଉପରେ ୭ ଦିନ ମଧ୍ୟରେ ତଥ୍ୟଭିତ୍ତିକ ରିପୋର୍ଟ ଦେବାକୁ ଚିଠି ଦେଇଛନ୍ତି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।


TPCODL
OFFICE OF THE EXECUTIVE ENGINEER (ELECT.)
JAGATSINGHPUR

This is for favour of your kind information and necessary action may be taken at your end to avoid any unpleasant situation during execution of work.

Yours faithfully

EXECUTIVE ENGINEER (ELECT.)
J.E.D., JAGATSINGHPUR

CC No.-
1. The Collector & District Magistrate, Jagatsinghpur for favour of kind information.
2. The SEEC, Paradeep for favour of kind information.
3. SDO (Elect.), Jagatsinghpur/ JE Electrical Section No.I/ JE Electrical Section No.II for information and necessary action.

ଟିପିସିଓଡିଏଲ୍ ପକ୍ଷରୁ କରାଯାଇଥିବା ଚିଠି।



ଜେସିବି ସାହାଯ୍ୟରେ ରାସ୍ତା ପାର୍ଶ୍ୱ ଖୋଳାଯାଉଛି।

**ବକ୍ସ କଲଭର୍ଟ କାମରେ ଦୁର୍ନୀତିର ଗନ୍ଧ ପ୍ରସଙ୍ଗ**

- ବିଦ୍ୟୁତ୍ ବିଭାଗ ପକ୍ଷରୁ ବିପଦର ଆଶଙ୍କା କରାଗଲା
- ଏ ପର୍ଯ୍ୟନ୍ତ ସ୍ୱାଭାବିକ ହେଲାନି ଟେଲିଫୋନ ସେବା

ଅନ୍ୟପଟେ ଟିପିସିଓଡିଏଲ୍ (ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍) ଜଗତ୍‌ସିଂହପୁର ଇଲେକ୍ଟ୍ରିକାଲ ଡିଭିଜନ ନିର୍ବାହୀ ଯନ୍ତ୍ରୀ (ବିଦ୍ୟୁତ) ଅଶୋକ କୁମାର ମହାନ୍ତିଙ୍କ ପକ୍ଷରୁ ଜଳ ସମ୍ପଦ ଜଗତ୍‌ସିଂହପୁର ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କୁ ଚିଠି କରି ସମ୍ଭାବ୍ୟ ପରିସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି, ୧୦ ନଂ.କେନାଲର କଲେଜ ଛକରୁ ପୁରୋହିତପୁର ପର୍ଯ୍ୟନ୍ତ ବାମ ପାର୍ଶ୍ୱରେ ୩୩କେଭି ଜଗତ୍‌ସିଂହପୁର ଓ ତିର୍ତ୍ତୋଲ ଫିଡର, ୧୧ କେଭି ଲାଇନ, ଏଲ୍‌ଟି ଲାଇନ୍ ଏବଂ ଏସ୍/ଏସ୍ ରହିଛି। ଏବେ କେନାଲର ଉଭୟ ପାର୍ଶ୍ୱ ସମ୍ପ୍ରସାରଣ କାମ ଚାଲିଛି। ଏହାଦ୍ୱାରା ବିଦ୍ୟୁତ ଲାଇନ ଓ ଏସ୍/ଏସ୍ ଯଥା ୩୩ କେଭି ଏଚ୍-ପୋଲ/ଜଏଣ୍ଟ ପୋଲ, ୧୧ କେଭି ପୋଲ କ୍ଷତିଗ୍ରସ୍ତ ହେବା ସହ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିପାରେ। ଏପରି କି ଯେ କୌଣସି ସମୟରେ ଅନେକଙ୍କ ଜୀବନ ଯିବାର ମଧ୍ୟ ଆଶଙ୍କା ରହିଛି। କେବଳ ଏତିକି ନୁହେଁ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇପାରେ। ଏହା ହେଲେ ଜଗତ୍‌ସିଂହପୁର ସହରର ୩୦% ଲୋକ ବିଦ୍ୟୁତ ସେବାରୁ ବଞ୍ଚିତ ହେବେ। ତେଣୁ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ଜରୁରୀ ବୋଲି ମହାନ୍ତି ଦର୍ଶାଇଛନ୍ତି। ଏହାର ନକଲ ଜିଲାପାଳ, ପାରାଦୀପ ଏସ୍ଇଇସି, ଜଗତ୍‌ସିଂହପୁର ଇଲେକ୍ଟ୍ରିକାଲ ଏସ୍‌ଡିଓ ଓ କନିଷ୍ଠ ଯନ୍ତ୍ରୀ-୧ଙ୍କୁ ପଠାଯାଇଛି। କେବଳ ଏତିକି ନୁହେଁ, ଦୀର୍ଘ ୧୫ରୁ ଅଧିକ ଦିନ ହେବ ବିଚ୍ଛିନ୍ନ ହୋଇ ପଡିଥିବା ବିଏସ୍ଏନ୍ଏଲ୍ ସେବା ମଧ୍ୟ ଏ ପର୍ଯ୍ୟନ୍ତ ସ୍ୱାଭାବିକ ହୋଇପାରିନାହିଁ। ଏ ସମ୍ପର୍କରେ ବିଏଲସ୍ଏନ୍ଏଲ୍ ଏସ୍‌ଡିଓ ପ୍ରଣବ କୁମାର ମଲ୍ଲିକ କହିଛନ୍ତି, ଜଳ ସମ୍ପଦ ବିଭାଗ ପକ୍ଷରୁ କାମ ଆରମ୍ଭ ପୂର୍ବରୁ କି ବର୍ତ୍ତମାନ ସୁଦ୍ଧା କୌଣସି ସହଯୋଗ ମଗା ନ ଯାଇ ମେଶିନ ଦ୍ୱାରା ମନଇଚ୍ଛା କାମ ଯୋଗୁ ୨ଟି କେବୁଲ ନଷ୍ଟ ହୋଇଯାଇଛି। ଏହାଦ୍ୱାରା ଶତାଧିକ ଇଣ୍ଟରନେଟ୍ ଓ ଟେଲିଫୋନ୍ ସେବା ବିଚ୍ଛିନ୍ନ ହୋଇଯାଇଛି। ଏହାକୁ ଏ ପର୍ଯ୍ୟନ୍ତ ସ୍ୱାଭାବିକ କରିବା ସମ୍ଭବ ହେଉନି।

ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ କହିଛନ୍ତି, ନଗର ଉନ୍ନୟନ ବିଭାଗ ପକ୍ଷରୁ ବକ୍ସ କଲଭର୍ଟ ପାଇଁ ପରିଷଦକୁ ୫ କୋଟି ଟଙ୍କା ଆସିଥିଲା। ପରିଷଦ ଏହି ରାଶି ଜଳସମ୍ପଦ ବିଭାଗ ଜଗତ୍‌ସିଂହପୁର ଡିଭିଜନକୁ ହସ୍ତାନ୍ତର କରିଥିଲା। ଜଳ ସମ୍ପଦ ବିଭାଗ କାମ କରୁଥିଲେ ସୁଦ୍ଧା ପରିଷଦକୁ ଅବଗତ କରୁନାହିଁ। ଜାତୀୟ ରାଜପଥ ଜଗତ୍‌ସିଂହପୁର ସବଡିଭିଜନ ନିର୍ବାହୀ ଯନ୍ତ୍ରୀ କମଳ କୁମାର ସ୍ୱାଇଁ କହିଛନ୍ତି, ରାଜପଥର ପାର୍ଶ୍ୱ ଖୋଳାଯାଉଥିବାରୁ ବିପଦ ଆଶଙ୍କା କରାଯାଉଛି। ତେବେ ଅନୁଧ୍ୟାନ ପାଇଁ ସେ ତୁରନ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ସେ ନିଜେ ଦେଖିବା ପରେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତ ଗିରଫ

ଆସିକା, ୪।୩ (ଡି.ଏନ୍.ଏ): ଗାଙ୍ଗପୁର ଥାନା ଅନ୍ତର୍ଗତ ଲୁଦୁଲୁଦି ଗ୍ରାମରେ ସେହି ଗ୍ରାମର କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବ ଅଭିଯୋଗରେ ପୋଲିସ ଶନିବାର ଅଭିଯୁକ୍ତ ଲୋଚନ ନାୟକଙ୍କୁ ଗିରଫ କରିଛି । ତାଙ୍କ ବିରୁଦ୍ଧରେ ଗାଙ୍ଗପୁର ଥାନାରେ ନଂ ୧୪୨/୨୩ରେ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି। ଅଭିଯୋଗରୁ ପ୍ରକାଶ, ଲୁଦୁଲୁଦି ଗ୍ରାମର କୃଷ୍ଣଚନ୍ଦ୍ର ଓ ଲୋଚନ ଏକ ଘରୋଇ ନିର୍ମାଣକାରୀ ସଂସ୍ଥାରେ କାର୍ଯ୍ୟ କରୁଥିଲେ । ସଂସ୍ଥାଠାରୁ ସେମାନେ କିଛି ପ୍ରାପ୍ୟ ପାଇବାର ଥିଲା। ଗୁରୁବାର କୃଷ୍ଣଚନ୍ଦ୍ର ସଂପୃକ୍ତ ସଂସ୍ଥାରୁ ନିଜର ପ୍ରାପ୍ୟ ନେଇ ଫେରୁଥିଲା ବେଳେ ଲୋଚନ ରାସ୍ତାରେ ଅଟକାଇ ପ୍ରାପ୍ୟ ମାଗିଥିଲେ। ତେବେ କୃଷ୍ଣଚନ୍ଦ୍ର ଲୋଚନଙ୍କ ପ୍ରାପ୍ୟ ଆଣିନଥିବା କହିବାରୁ ଉତ୍କ୍ଷିପ୍ତ ହୋଇ ଲୋଚନ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା ।

### ଛଟେଇର ଶିକାର କର୍ମଚାରୀଙ୍କ ଦୁରବସ୍ଥା

କାଶୀନଗର,୪।୩-କାଶୀନଗର ଏନ୍‌ଏସିର ୩ ନମ୍ବର ୱାର୍ଡରେ ରୁହନ୍ତି ଏମ୍. ରୋୟା। ସେ ଜଣେ ଭିନ୍ନକ୍ଷମ ବ୍ୟକ୍ତି। ଠିକ୍ ଭାବେ ଉଚ୍ଚାରଣ କରିପାରନ୍ତି ନାହିଁ। ୧୯୯୭ରୁ ୨୦୨୦ ଡିସେମ୍ବର ଯାଏ ସେ ସ୍ଥାନୀୟ ଆଇସିଡିଏସ୍ କାର୍ଯ୍ୟାଳୟରେ ରାତ୍ର ଜଗୁଆଳ ଭାବେ କାର୍ଯ୍ୟ କରୁଥିଲେ। ଦିନକୁ ୧୨୫ ଟଙ୍କା ପାରିଶ୍ରମିକ ମିଳୁଥିଲା। କିନ୍ତୁ ପୂର୍ବରୁ କୌଣସି ସୂଚନା ନ ଦେଇ ୨୦୨୦ରେ ତାଙ୍କୁ ଚାକିରିରୁ ଛଟେଇ କରି ଦିଆଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ରୋୟା ଗଣମାଧମକୁ ଜଣାଇଛନ୍ତି ଯେ, ମାସକୁ ମିଳୁଥିବା ପାଞ୍ଚ କେଜି ଚାଉଳ ହିଁ ବର୍ତ୍ତମାନ ତାଙ୍କର ଏକମାତ୍ର ସମ୍ବଳ। ଆଉ କିଛି ଆୟର ପନ୍ଥା ନ ଥିବା ବେଳେ ସେ କେମିତି ଚଳିବେ କହିଛନ୍ତି। ଆତ୍ମହତ୍ୟା ଛଡ଼ା ଆଉ କିଛି ବାଟ ତାଙ୍କୁ ଦିଶୁନାହିଁ। ରୋୟାଙ୍କୁ ଶୀଘ୍ର ପୁନଃ ନିଯୁକ୍ତି ମିଳିବା ଉଚିତ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

### ମାଟ୍ରିକ୍ ସପ୍ଲେମେଣ୍ଟାରି-୨ ପରୀକ୍ଷା ୧୦ କେନ୍ଦ୍ରରେ ପରୀକ୍ଷା ଦେବେ ୧୭୩୫

ବୁଗୁଡ଼ା,୪।୩(ଡି.ଏନ୍.ଏ.)ମାଧମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲେମେଣ୍ଟାରି-୨ ପରୀକ୍ଷା ଚଳିତ ମାସ ୧୦ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ୧୦ କେନ୍ଦ୍ରରେ ମୋଟ ୧୭୩୫ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବା ନେଇ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ତେବେ ପରୀକ୍ଷା କେନ୍ଦ୍ର ଗୁଡ଼ିକ ମଧରୁ ବାଲିପଦର ହାଇସ୍କୁଲ କେନ୍ଦ୍ରରେ ସର୍ବାଧିକ ୨୭୦ ଛାତୀଛାତ୍ର ପରୀକ୍ଷା ଦେବାକୁ ଥିବାବେଳେ ପିପୁଲ୍ଲି ହାଇସ୍କୁଲ କେନ୍ଦ୍ରରେ ୨୫୨, ବି. କରଡ଼ାବାଡ଼ି ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠରେ ୨୦୧, ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ବୁଗୁଡ଼ା କେନ୍ଦ୍ରରେ ୧୮୩, ତାଳସାକର ମହାମାୟୀ ହାଇସ୍କୁଲ କେନ୍ଦ୍ରରେ ୧୮୧, ବୀରଧନଞ୍ଜୟପୁର ବୁଦ୍ଧଗିରି ବିଦ୍ୟାପୀଠ କେନ୍ଦ୍ରରେ ୧୫୦, ମା' କାଳୀ କୃଷକ ହାଇସ୍କୁଲ ପୋଟାଲୁଣ୍ଡି କେନ୍ଦ୍ରରେ ୧୪୮, ପଙ୍କଲବାଡ଼ି ହାଇସ୍କୁଲ କେନ୍ଦ୍ରରେ ୧୪୦, ମାଣିତରା ରିଜିଓନାଲ ହାଇସ୍କୁଲ କେନ୍ଦ୍ରରେ ୧୧୯ ଏବଂ କରଚୁଲି ଶକୁନ୍ତଳା ବିଦ୍ୟାପୀଠ କେନ୍ଦ୍ରରେ ସର୍ବନିମ୍ନ ୯୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବା ଜଣାପଡ଼ିଛି।

# ପୈତୃକ ଗ୍ରାମରେ ବିଜୁବାବୁଙ୍କ ନାଁରେ ମ୍ୟୁଜିୟମ୍ ଦାବି

ଭଞ୍ଜନଗର,୪।୩(ଡି.ଏନ.ଏ)



ବିଜୁବାବୁଙ୍କ ପୈତୃକ ଗ୍ରାମ ବାସଭବନ।

**ଆଜି ବିଜୁ ଜୟନ୍ତୀ**

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମାର୍ଚ୍ଚ ୫ରେ ସାରା ରାଜ୍ୟବ୍ୟାପୀ ପାଳନ ହେଉଥିବା ବେଳେ ତାଙ୍କ ପୈତୃକ ଗ୍ରାମ ଗଞ୍ଜାମ ଜିଲା ଭଞ୍ଜନଗର ସହରଠାରୁ ମାତ୍ର ୩ କିମି ଦୂର ଘୁମୁସର ନୂଆଁଗାସ୍ଥିତ ବାସଭବନରେ ମଧ୍ୟ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି ହୋଇଛି। ସମ୍ପର୍କୀୟ ପୁତୁରା ପ୍ରମୋଦ ପଟ୍ଟନାୟକଙ୍କ ନେତୃତରେ ଗ୍ରାମର ଶିଶୁମାନଙ୍କୁ ଖାତା, କଲମ ବଣ୍ଟନ କରାଯିବ। ସେହିଭଳି ବାଉଁଶଲୁଣ୍ଡି ବିଜୁ ପଟ୍ଟନାୟକ ଛକରେ ଥିବା ବିଜୁ ସ୍ମୃତି ସଂସଦ ପକ୍ଷରୁ ଜୟନ୍ତୀ ପାଳନ କରାଯିବ। ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନଙ୍କ ନେତୃତରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ତେବେ ନୂଆଗାଁ ସହିତ ବିଜୁବାବୁଙ୍କ ସମ୍ପର୍କ ଅତି ନିବିଡ଼ ଥିବାରୁ ସେଠାରେ ବିଜୁବାବୁଙ୍କ ନାମରେ ଏକ ମ୍ୟୁଜିୟମ ସ୍ଥାପନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବିଜୁବାବୁଙ୍କ ପୈତୃକ ଗ୍ରାମରେ ତାଙ୍କ ପୁତ୍ର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୩ ଜାନୁୟାରୀ ୧୮ରେ ବିଜୁ ବାବୁଙ୍କ ନାମିତ ପାଠାଗାରକୁ ଉଦ୍‌ଘାଟନ କରିଥିଲେ। ବିଜୁବାବୁଙ୍କ ବାପା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ୧୮୭୫ ଜୁଲାଇ ୧ରେ ଭଞ୍ଜନଗରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମାତାଙ୍କ ନାମ ଥିଲା ଆଶାଲତା ଦେବୀ। ବିଜୁବାବୁ କଟକରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ଭଞ୍ଜନଗର ଗସ୍ତରେ ଆସିବା ସମୟରେ ପୈତୃକ ବାସଭବନକୁ ଯାଇ ବିଶ୍ରାମ ନେଉଥିଲେ। ତେଣୁ ପୈତୃକ ଗ୍ରାମରେ ଏକ ମ୍ୟୁଜିୟମ୍ ସ୍ଥାପନ କରିବା ପାଇଁ ଭଞ୍ଜନଗର ବାର୍ ଆସୋସିଏଶନ ସଭାପତି ତଥା ନୂଆଗାଁବାସୀ ସନ୍ତୋଷ ନାୟକଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଚୋରା ଗାଡ଼ିକୁ ସ୍କ୍ରାପ୍ କରିବା ଅଭିଯୋଗ, ମାଲିକ ଗିରଫ

ଗୋପାଳପୁର,୪।୩(ଡି.ଏନ୍.ଏ.)

ଚୋରା ପୁରୁଣା ଗାଡ଼ିକୁ ଖଣ୍ଡ ବିଖଣ୍ଡ କରି ସ୍କ୍ରାପ୍ କରିବା ଅଭିଯୋଗରେ ଗୋଲନ୍ଥରା ଥାନା ପୋଲିସ ଜଣେକ ବ୍ୟକ୍ତିଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବ୍ରହ୍ମପୁର ମହାନଗର ଶାସ୍ତ୍ରୀନଗରର ହାଡୁ ନାୟକ (୫୮)। ଏହି ଥାନା ଅନ୍ତର୍ଗତ ହଳଦିଆପଦର ନିକଟସ୍ଥ ଅଟୋ ନଗରଠାରେ ହାଡୁ ଗ୍ୟାରେଜ୍ କରି ପୁରୁଣା ବଡ଼ ଗାଡ଼ିକୁ ଖଣ୍ଡ ଖଣ୍ଡ କରି ସ୍କ୍ରାପ୍ କରୁଥିଲେ। ଖବର ପାଇ ଶୁକ୍ରବାର ଥାନା ଅଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଅତର୍କିତ ଭାବେ ଚଢ଼ାଉ କରିଥିଲା। ଏହି ସମୟରେ ପୁରୁଣା ବଡ଼ ବଡ଼ ଗାଡ଼ିକୁ କଟାଯାଇ ସ୍କ୍ରାପ୍ କରାଯାଉଥିଲା। ସେଠାରେ ପୋଲିସ ଗାଡ଼ିର କାଗଜପତ୍ର ମାଗିଥିଲେ ମଧ୍ୟ ହାଡୁ ଦେଖାଇପାରି ନ ଥିଲେ। ଏଥିସହ ଚେସିସ୍ ଓ ଇଞ୍ଜିନ ନମ୍ବରକୁ ମଧ୍ୟ ଟ୍ୟାମ୍ପରିଂ କରାଯାଉଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ଉକ୍ତ ପାର୍ଟ୍ସଗୁଡ଼ିକୁ ସ୍କ୍ରାପ୍‌ରେ ବିକ୍ରି କରୁଥିଲେ। ସେଠାରୁ ୬ଟି ଟ୍ରକ୍, ୧୩ ଭଙ୍ଗା ଇଞ୍ଜିନ, ୭୦ ପିସ୍ କଟା ପ୍ଲେଟ୍, ୧୦ ହାଉସିଂ ପାଇପ୍, ୫ଟି ଫ୍ରଣ୍ଟ ଏକ୍ସେଲ, ୩ ଗ୍ୟାସ୍ ସିଲିଣ୍ଡର, ୨ ବଡ଼ ଗାଡ଼ି ଚେସିସ୍ ଓ ଦୁଇଟି ଗ୍ୟାସ୍‌କଟର ସମେତ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ଜବତ କରିଛି। ଏ ନେଇ ପୋଲିସ ନଂ.୧୩୨/୨୩ରେ ମାମଲା ରୁଜୁ କରିଥିଲା। ହାଡୁଙ୍କୁ ମଧ୍ୟ ଥାନାରେ ଅଟକ ରଖି ପଚରାଉଚରା ପରେ ଗିରଫ କରାଯାଇଛି।

# ଭାରତୀୟ ମଜଦୁର ସଂଘ ବୈଠକ

ଫୁଲବାଣୀ ଅଫିସ, ୪।୩

ଭାରତୀୟ ମଜଦୁର ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଫୁଲବାଣୀ ପ୍ରେସ୍ କ୍ଲବରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଉପସଭାପତି ଏ. ଶ୍ରୀନିବାସ ରାଓଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସରକାରୀ, ବେସରକାରୀ ଓ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ଉନ୍ନତି ଉପରେ ଆଲୋଚନା ହୋଇଥିଲା । ଠିକା କର୍ମଚାରୀ, ଦାଦନ ଶ୍ରମିକ, ଗ୍ରାମୀଣ କୃଷିକ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ଅସୁବିଧାରେ ପଡ଼ିଲେ ତୁରନ୍ତ ସଂଘ ସହ ଯୋଗାଯୋଗ କରିବାକୁ କୁହାଯାଇଥିଲା । ଜିଲାରୁ ଦାଦନ ଖଟି ଯାଉଥିବା ଶ୍ରମିକଙ୍କ ସୁରକ୍ଷା ନ ଥିବାରୁ ଶ୍ରମ କମିଶନରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଦାଦନ ଶ୍ରମିକ ପଞ୍ଜୀକରଣ ପାଇଁ ପଦକ୍ଷେପ ନେବା ସହ ଦୀର୍ଘବର୍ଷର ବିଭିନ୍ନ ସହାୟତା ରାଶି ଯୋଗାଇଦେବାକୁ ଆଲୋଚନା କରାଯାଇଥିଲା। ସରକାରଙ୍କ ପକ୍ଷରୁ ବିଭିନ୍ନ ଶ୍ରମ ନିୟମକୁ ଉଲ୍ଲଂଘନ କରାଯାଉଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସଂଘ ଜିଲା ସଭାପତି ଅଶୋକ ପରିଡ଼ା ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟ ସମ୍ପାଦକ ବିନୟ ତ୍ରିପାଠୀ, ରାଜ୍ୟ ସଙ୍ଗଠନ ସମ୍ପାଦକ ଗିରିଶ୍ ମହନ୍ତ ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

# ତାଲୁକ ଆଇନ ସେବା କମିଟିର ମହିଳା ସପ୍ତାହ

ଦିଗପହଣ୍ଡି,୪।୩(ଡି.ଏନ.ଏ.)



ସଭାରେ ମାଜିଷ୍ଟ୍ରେଟଙ୍କ ଉଦ୍‌ବୋଧନ ।

ଦିଗପହଣ୍ଡି ଆଇନ ସେବା କମିଟି ପକ୍ଷରୁ ଶନିବାର ଆନ୍ତର୍ଜାତୀୟ ମହିଳା ସପ୍ତାହ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ କୋର୍ଟ ପରିସରରେ ଆୟୋଜିତ ହୋଇଯାଇଛି। ଆଇନଜୀବୀ ହରପ୍ରସାଦ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମିଟିର ଅଧ୍ୟକ୍ଷ ତଥା ଦିଗପହଣ୍ଡି କୋର୍ଟର ମାଜିଷ୍ଟ୍ରେଟ ପ୍ରିୟଦର୍ଶିନୀ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ଦିଗପହଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ଅଙ୍ଗନୱାଡ଼ି ସୁପ୍ରଭାଇଜର ଭାଗ୍ୟଲତା ପାତ୍ର, ବ୍ରହ୍ମପୁର ଏମ୍.ପି ପ୍ରତିନିଧି ନିରୂପମା ପଟ୍ଟନାୟକ, ସାଧନା ମହିଳା ସଂଘ ସଭାନେତ୍ରୀ ପି. ବିଜୟଲକ୍ଷ୍ମୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଙ୍ଗନବାଡି କର୍ମୀ ଅଳକା ମହାନ୍ତି, ରୋଜି ପ୍ରଧାନ, ବିଚାର ବିଭାଗୀୟ କର୍ମଚାରୀ ସୂର୍ଯ୍ୟାରାୟଣ ପାଢ଼ୀ, ଅଶ୍ୱିନୀ କୁମାର ପଟ୍ଟନାୟକ, ସସ୍ମିତା ମହାରଣା, ପୂର୍ଣ୍ଣଚନ୍ଦ୍ର ପାତ୍ର, କାଳିଆ ନାୟକ, ବିକ୍ରମ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶିକ୍ଷକ ପ୍ରଶିକ୍ଷଣ ଶିବିର ସାମର୍ଥ୍ୟ ଉଦ୍‌ଘାଟିତ

ଦିଗପହଣ୍ଡି,୪।୩(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ସ୍ଥାନୀୟ ବଡ଼ଖେମୁଣ୍ଡି ହାଇସ୍କୁଲ ପ୍ରାଙ୍ଗଣରେ ୩ ଦିନିଆ ଶିକ୍ଷକ ପ୍ରଶିକ୍ଷଣ ଶିବିର ସାମର୍ଥ୍ୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଗଞ୍ଜାମ ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ, ବିଶ୍ରବା ପାଇକ, ରସାନନ୍ଦ ଘଡେଇ, ସିଆର୍‌ସିସି ଅନିଲ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମଗ୍ର ଶିକ୍ଷା ଅନ୍ତର୍ଗତ ଅନ୍ତର୍ନିବେଶୀ ଶିକ୍ଷା ଯୋଜନାରେ ଶତାଧିକ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଦିଗପହଣ୍ଡି ବ୍ଲକର ବିଭିନ୍ନ ସରକାରୀ ବିଦ୍ୟାଳୟରେ ପାଠ ପଢ଼ି ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ସୁବିଧା ସୁଯୋଗ କିପରି ପାଇପାରିବେ ତାହାକୁ ନେଇ ଉପସ୍ଥିତ ସମ୍ବଳ ଶିକ୍ଷକମାନଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ଅବସରରେ ୫୦ ବିଦ୍ୟାଳୟର ୫୦ ଶିକ୍ଷକଙ୍କୁ ୩ ଦିନିଆ ତାଲିମ ଶିବିରରେ ପର୍ଯ୍ୟାୟକ୍ରମେ ଅନ୍ତର୍ନିବେଶୀ ଶିକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଅଧିକାର ଆଇନ, ପାଠ୍ୟ ଅନୁକୂଳର ପ୍ରଣାଳୀ, ଚିହ୍ନଟ କରଣ, ଆର୍ଥିକ ପ୍ରୋତ୍ସାହନ, ସହଯୋଗୀ ଉପକରଣ ଯୋଗାଣ ବ୍ୟବସ୍ଥା, ସରକାରୀ ଯୋଜନା ଏବଂ ସରକାରୀ ସହାୟତା ପ୍ରଭୃତି ୨୧ ବ୍ୟବସ୍ଥା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷକ ତଥା ସହକାରୀ ଶିକ୍ଷକ ଉପେନ୍ଦ୍ର କୁମାର ପଣ୍ଡା, ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ ଏବଂ ପ୍ରଶିକ୍ଷିକା ସୁରମା ଦଳେଇ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ପ୍ରଶାନ୍ତ କୁମାର ସାହୁ, ସୀମାଞ୍ଚଳ ଦୋରା ପ୍ରମୁଖ ସହାୟତା କରିଥିଲେ।

# ରନ୍ଧନ ଗ୍ୟାସ୍ ଦର ବୃଦ୍ଧିକୁ ବିରୋଧ




କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ।

ଫୁଲବାଣୀ ଅଫିସ, ୪।୩: ରନ୍ଧନ ଗ୍ୟାସ୍‌ର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ଶନିବାର ମହିଳା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲା ମହିଳା କଂଗ୍ରେସ ସଭାପତି ରୁଦା ମଲିକଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଏକ ରାଲିରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘରୋଇ ଗ୍ୟାସ୍ ସିଲିଣ୍ଡର ପିଛା ୫୦ ଟଙ୍କା ଓ ବ୍ୟବସାୟିକ ଗ୍ୟାସ୍ ଏକକାଳୀନ ୩୫୦ ଟଙ୍କା ବୃଦ୍ଧିକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ କଂଗ୍ରେସ ନେତା । ଏହି ବିକ୍ଷୋଭରେ ଜିଲା ସଭାପତି ଅନାମ ନାୟକ, ନଗର କଂଗ୍ରେସ ସଭାପତି ଶିବଶଙ୍କର ବେହେରା, ଛାତ୍ର କଂଗ୍ରେସ ସଭାପତି ଅନୁପମ କହଁର, ବରିଷ୍ଠ ନେତା ବିଜୟ ମହାନ୍ତି, ହେମନ୍ତ କର, ବଳଦେବ ବେହେରା, ଗୌରଚରଣ ବେହେରା, ସଂସାର ଭୋଇ ପ୍ରମୁଖ ସାମିଲ ଥିଲେ।

# ପୁସ୍ତକର ସ୍ଥାନ କେହି ନେଇପାରିବେନି

ଫୁଲବାଣୀ ଅଫିସ, ୪।୩




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଫୁଲବାଣୀ ଏଜେଓ ହାଇ ସ୍କୁଲ ପଡ଼ିଆରେ ଶୁକ୍ରବାର ଜିଲା ଲେଖକ ସାମ୍ମୁଖ୍ୟର ୪୨ ତମ ବାର୍ଷିକ ଉତ୍ସବ ଓ ପୁସ୍ତକ ମେଳା ଆରମ୍ଭ ହୋଇଛି । ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରମୁଖ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସଭାପତି ରବୀନ୍ଦ୍ରନାଥ ମିଶ୍ର, ସାଧାରଣ ସମ୍ପାଦକ ବନବିହାରୀ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫୁଲବାଣୀ କୋମଳଗାନ୍ଧାର କଳାକାରମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଶେଷରେ ନଟରାଜ କଳା ମନ୍ଦିର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୁସ୍ତକ ବିଷୟରେ ଯେତେ କହିଲେ ବି ତାହା ସରିବ ନାହିଁ। ଆଜି ଯେଉଁମାନେ ବଡ ବଡ ସଫଳତା ପାଇଛନ୍ତି ତାହା ମୂଳରେ ରହିଛି ପୁସ୍ତକ । ଏହା ଛଡା ଅନ୍ୟ ବିକଳ୍ପ ନାହିଁ । ଜଣେ ପିଲାଠାରୁ ବଡ ହୋଇ ଯେତେବେଳେ ଛାତ୍ର ଜୀବନ ଆରମ୍ଭ କରେ ପୁସ୍ତକ ହିଁ ଏକ ମାତ୍ର ମାଧ୍ୟମ ହୋଇଥାଏ । କଥାରେ ଅଛି ଯଦି ତୁମର କିଏ ସବୁଠୁ ବଡ ସାଂଗ ଥାଏ, ତାହା ହେଉଛି ପୁସ୍ତକ। ଆଜିର ଯୁବ ସମାଜ ପୁସ୍ତକ ପଠନ ପ୍ରତି ଧ୍ୟାନ ଦିଅନ୍ତୁ। ଅଯଥା ମୋବାଇଲରେ ସମୟ ନଷ୍ଟ ନ କରନ୍ତୁ । ସମୟ ଚାଲିଯିବ । ଭାବିବା ବେଳକୁ କିଛି ନ ଥିବ । ତେଣୁ ଅଧ୍ୟୟନ ପ୍ରତି ମନ ବଳାଇବା ଆବଶ୍ୟକ। ପୁସ୍ତକର ସ୍ଥାନ କେହି ବି ନେଇ ପାରିବେ ନାହିଁ ବୋଲି ଜିଲା ଲେଖକ ସାମ୍ମୁଖ୍ୟ ପକ୍ଷରୁ ଅନୁଷ୍ଠିତ ପୁସ୍ତକ ମେଳାରେ ଅତିଥିମାନେ ମତପ୍ରକାଶ କରିଛନ୍ତି।

# ଏସ୍‌ପି ଅଫିସ ଘେରାଉକଲା ଭାଜପା

ଛତ୍ରପୁର/ପାରଳାଖେମୁଣ୍ଡି,୪।୩(ଡି.ଏନ୍.ଏ): ବିଧାନସଭା ଘେରାଉ ବେଳେ ଯୁବମୋର୍ଚ୍ଚା କର୍ମକର୍ତ୍ତାଙ୍କୁ ପୋଲିସ ମାଡ଼ ମାରିବା ଘଟଣାକୁ ଭାଜପା ପକ୍ଷରୁ ନିନ୍ଦା କରାଯାଇଛି। ଏଥିସହ ପୋଲିସ ଅଧିକାରୀଙ୍କ ନାଁରେ ଶୁକ୍ରବାର ଦଳ ପକ୍ଷରୁ ସମସ୍ତ ଥାନାରେ ଏତଲା ଦିଆଯାଇଥିଲା। ତେବେ ପୋଲିସ ମାମଲା ରୁଜୁ କରିନଥିଲା। ଏହାର ପ୍ରତିବାଦରେ ଶନିବାର ଛତ୍ରପୁରସ୍ଥିତ ଗଞ୍ଜାମ ଏସ୍‌ପି ଅଫିସ ଘେରାଉ କରାଯାଇଥିଲା। ଏଥିରେ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କର, ପୂର୍ବତନ ରାଜ୍ୟ ମହିଳା ଭାଜପା ସଭାନେତ୍ରୀ ଜୟନ୍ତୀ ପଢ଼ିହାରୀ, ରାଜ୍ୟ ଏସ୍‌ସି ମୋର୍ଚ୍ଚା ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ଭୀମସେନ ବେହେରା ସାମିଲ ଥିଲେ। ଗଜପତି ଜିଲା ଭାଜପା ପକ୍ଷରୁ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଜିଲା ଭାଜପା ସଭାପତି କେ. ନାରାୟଣ ରାଓଙ୍କ ନିର୍ଦ୍ଦେଶ କ୍ରମେ ଯୁବମୋର୍ଚ୍ଚା ସଭାପତି ବାଲକୃଷ୍ଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ପ୍ରତିବାଦ ସଭା କରାଯାଇଥିଲା।

# ୧୪ରୁ ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ପୁରୁଷୋତ୍ତମପୁର,୪।୩(ଡି.ଏନ.ଏ.)

ଗଞ୍ଜାମ ଜିଲା ପ୍ରସିଦ୍ଧ ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ଆସନ୍ତା ୧୪ ତାରିଖଠାରୁ ଆରମ୍ଭ ହେବ। ଏହା କିଭଳି ଶାନ୍ତି ଶୃଙ୍ଖଳାର ଶେଷ ହେବ ସେ ନେଇ ଶନିବାର ଜିଲାପାଳଙ୍କ ନିର୍ଦ୍ଦେଶରେ ପାହାଡ ଉପରେ ମା'ଙ୍କ ମନ୍ଦିର ପରିସରରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଛତ୍ରପୁର ଉପଜିଲାପାଳ ପ୍ରଶନ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଗତ ଦୁଇ ବର୍ଷ ହେଲା କରୋନା କଟକଣା ଯୋଗୁ ମା'ଙ୍କ ଚୈତ୍ର ଯାତ୍ରା ଆଡମ୍ବର ସହକାରେ ହୋଇନଥିବା ବେଳେ ଚଳିତ ବର୍ଷ ବେଶ ଧୁମ୍‌ଧାମରେ ପାଳନ ହେବ ମା' ତାରାତାରିଣୀଙ୍କ ଚାରିଗୋଟି ପାଳିରେ ଚୈତ୍ର ମଙ୍ଗଳବାର ଯାତ୍ରା। ଭକ୍ତମାନେ ବିନା ଦ୍ୱିଧାରେ କିଭଳି ମା'ଙ୍କ ଦର୍ଶନ କରିପାରିବେ ଓ ନିଜ ନିଜର ଶିଶୁଙ୍କୁ ମୁଣ୍ଡନ କରାଇବେ ସେନେଇ ପୁଙ୍ଖାନୁପୁଙ୍ଖ ବୈଠକରେ ଆଲୋଚନା ହୋଇଥିଲା। ଏହି ଯାତ୍ରାରେ ଲକ୍ଷ ଲକ୍ଷ ସଂଖ୍ୟାରେ ଜନ ସମାଗମ ହେବା ସମ୍ଭାବନା ରହିଥିବାରୁ ଆଇନ ଶୃଙ୍ଖଳା କିଭଳି ନିୟନ୍ତ୍ରଣ କରାଯିବ, ଭକ୍ତମାନେ ୯୯୯ ପାହାଚ ଚଢ଼ି ପାହାଡ ଉପରକୁ ଯିବା, ରୋପୱେ, ରାସ୍ତା ଏବଂ ଘାଟି ରାସ୍ତାରେ ସ୍ୱତନ୍ତ୍ର ବସ୍ ଯୋଗେ କିପରି ମନ୍ଦିର ନିକଟକୁ ଯାଇ ମା'ଙ୍କ ଦର୍ଶନ କରିପାରିବେ। ମନ୍ଦିର ଉପରକୁ କୌଣସି ଯାନବାହନ ଛଡାନଯିବା, ଯାତ୍ରୀମାନେ ନିଜର ଯାନ ବାହାନ ପାର୍କିଂ ସ୍ଥଳରେ ରଖି ବସ୍ ଯୋଗେ ପାହାଡ଼ ଉପରକୁ ଯାଇ ମା'ଙ୍କ ଦର୍ଶନ କରିପାରିବେ ଏବଂ ବିଦ୍ୟୁତ, ପାନୀୟ ଜଳ, ଟ୍ରାଫିକ, ପାର୍କିଂ ବ୍ୟବସ୍ଥା ଓ ଅସ୍ଥାୟୀ ବସଷ୍ଟାଣ୍ଡ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇ ବିଭିନ୍ନ ବିଭାଗକୁ ନିଜ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଇବା ଲାଗି ଉପ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ପୁରୁଷୋତ୍ତମପୁର ବିଡିଓ ବିଜୟ କୁମାର ବେହେରା, ତହସିଲଦାର ସନ୍ତୋଷ କୁମାର ସାହୁ, ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଗ୍ରାମ୍ୟ ଜଳଯୋଗାଣ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ଦାଶଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ସେବାୟତ ତପନ କୁମାର ରଣା, ବାପୁଜୀ ରଣା, ଧ୍ରୁବ ରଣାଙ୍କ ସମେତ ସମସ୍ତ ସେବାୟତମାନେ ଉପସ୍ଥିତ ଥିଲେ।

# ଭତ୍ତା ବଣ୍ଟନ ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି

କାଶୀନଗର, ୪।୩

ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା ଆଦି ବର୍ତ୍ତମାନ ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଉଛି। ଫଳରେ ବ୍ୟାଙ୍କରେ ପହଞ୍ଚି ଧାଡ଼ିରେ ଠିଆହୋଇ ଭତ୍ତା ଉଠାଣ ସକାଶେ ଅସମର୍ଥ ହିତାଧିକାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରା ସହି ନ ପାରି ବେଳେବେଳେ ବୃଦ୍ଧାବୃଦ୍ଧ ଚେତା ହରାଇବା ଦେଖିବାକୁ ମିଳୁଛି। ସ୍ଥାନୀୟ ଷ୍ଟେଟ୍‌ବ୍ୟାଙ୍କ ଶାଖାର କେତେକ କର୍ମଚାରୀଙ୍କ ସମ୍ବେଦନହୀନ କାର୍ଯ୍ୟକଳାପ ଯୋଗୁ ହିତାଧିକାରୀଙ୍କୁ ବାରମ୍ବାର ଭତ୍ତା ପାଇଁ ଦୌଡ଼ିବାକୁ ପଡୁଥିବା ଅଭିଯୋଗ ମଧ ହେଉଛି। ତେଣୁ ବ୍ୟାଙ୍କ ଆସି ଭତ୍ତା ନେବା ପାଇଁ ଅସମର୍ଥ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ଘରେ ଭତ୍ତା ପହଞ୍ଚାଇବା ଦିଗରେ ପଦକ୍ଷେପ ନେବାକୁ କାଶୀନଗର ନାଗରିକ ମହାସଭା ସଭାପତି ପ୍ରଶାନ୍ତ ମିଶ୍ର ଦାବି କରିଛନ୍ତି।

# ଅଳିଆଗଦାରେ ଶତାଧିକ ସ୍ୱାସ୍ଥ୍ୟକାର୍ଡ

ପାରଳାଖେମୁଣ୍ଡି, ୪।୩ (ଡି.ଏନ୍.ଏ.):

ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର ଅଳିଆଗଦାରେ ଶତାଧିକ ସ୍ୱାସ୍ଥ୍ୟକାର୍ଡ ପଡ଼ିଥିବା ଦେଖିବାକୁ ମିଳିଛି। ଯଦିଓ କାର୍ଡଗୁଡ଼ିକ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଅର୍ନ୍ତଭୁକ୍ତ, କିନ୍ତୁ ଏତେସଂଖ୍ୟକ କାର୍ଡ ଅଳିଆ ଗଦାରେ ପଡ଼ିବା ନିଶ୍ଚିତ ଦୁର୍ଭାଗ୍ୟଜନକ। କିଏ ଏହାକୁ ପକାଇଛି ଓ କାହିଁକି ଲୋକଙ୍କୁ ଦିଆନଯାଇ ଏହାକୁ ଫୋପାଡ଼ି ଦିଆଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟିକରିଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପି. କେ. ପାତ୍ର କହିଛନ୍ତି ଏସବୁ କାର୍ଡ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା କାର୍ଡସ୍‌ଗୁଡିକ ୨୦୧୮ରୁ ଆଉ କାମରେ ଲାଗୁନି। ରୋଗୀମାନେ ସେହି କାର୍ଡଗୁଡିକ ଆଣୁଥିବା ଏବଂ ସେଗୁଡ଼ିକ କାମରେ ନ ଲାଗୁଥିବାରୁ ସେମାନେ ଏଣେତେଣେ ଫୋପାଡି ଥିବେ, ଯାହାକୁ ସଫେଇ କର୍ମଚାରୀ ସଫାକରି ଗୋଟିଏ ସ୍ଥାନରେ ପକାଇଥିବେ। ବିଜୁ ସ୍ୱାସ୍ଥ୍ୟକାର୍ଡ ଆସିବା ପରେ ଏହି କାର୍ଡ କାମରେ ଲାଗୁନି।



ଅଳିଆ ଗଦାରେ ପଡ଼ିଥିବା ସ୍ୱାସ୍ଥ୍ୟକାର୍ଡ।

**ସଂକ୍ଷେପରେ**

## ସୁସ୍ଥ ସମାଜ ଗଠନ ପାଇଁ ଶିକ୍ଷାର ଗୁରୁତ୍ୱ ଅଧିକ

ରାଜକନିକା,୪।୩(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ପଣସଗଣ୍ଡ ପଞ୍ଚାୟତ ଦାମୋଦରପୁର ଉତ୍କଳମଣୀ ଉଚ୍ଚ ବିଦ୍ୟାପୀଠର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅନନ୍ଦା ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସୁସ୍ଥ ସମାଜ ଗଠନ ପାଇଁ ଶିକ୍ଷାର ଗୁରୁତ୍ୱ ଅଧିକ ବୋଲି ଅତିଥିମାନେ କହିଥିଲେ। ଶିକ୍ଷାବିତ୍ ପ୍ରବୋଧ ଚନ୍ଦ୍ର ଦାସ, ଶିକ୍ଷାବିତ୍ ବିଦ୍ୟାଧର ଦାସ, ବୁଦ୍ଧିଜୀବୀ ଶିବରାମ ଦାସ ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ପ୍ରାକ୍ କାଳର ଗୁରୁକୂଳ ଜୀବନ ଓ ସାଂପ୍ରତିକ ସମୟର ଶିକ୍ଷାଦାନ ମଧ୍ୟରେ ଥିବା ସମ୍ପର୍କ ଉପରେ ମତ ରଖିଥିଲେ । ଶିକ୍ଷା କେବଳ ପାଠପଢ଼ା ବହି ମଧ୍ୟରେ ନ ଥାଏ । ଖେଳକୁଦଠାରୁ ଗବେଷଣା ପର୍ଯ୍ୟନ୍ତ ଶିକ୍ଷାର୍ଥୀଙ୍କୁ ବହୁ ସମୟ ଦେଇ ସବୁ ବିଷୟକୁ ଅକ୍ତିଆର କରିବା କେବଳ ଶିକ୍ଷା ଦ୍ୱାରା ସମ୍ଭବ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ କୃତିଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ ସୁନନ୍ଦା ନାୟକ, ଭାଗ୍ୟବତୀ ବେହେରା, ଶିକ୍ଷକ ସୁବୋଧ କୁମାର ସୋରେନ, ଲାଲବାବୁ ଖାନ, ମାନଗୋବିନ୍ଦ ବିଶ୍ୱାଳ, ନିଗମାନନ୍ଦ ସାମଲ, ବୈଦନାଥ ସାମଲ ପ୍ରମୁଖ ଏହି ଉତ୍ସବକୁ ପରିଚାଳନା କରିଥିଲେ ।

## ଜୁନିୟର ରେଡକ୍ରସ୍ ତରଫରୁ ରକ୍ତଦାନ ଶିବିର

ଆଳି,୪।୩(ଡି.ଏନ୍.ଏ.): ଆଳି ବ୍ଲକ ଚଣ୍ଡିଆଗଡି ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ଜୁନିୟର ରେଡକ୍ରସ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ଜୁନିୟର ରେଡ଼କ୍ରସ ଶିବିରରେ ଅଂଶଗ୍ରହଣ କରିଥିବା ଜିଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ଓ ପରାମର୍ଶଦାତା ନିକଟସ୍ଥ ଗ୍ରାମ ଓ ବଜାର ବୁଲି ଲୋକମାନଙ୍କୁ ରକ୍ତଦାନ ସମ୍ପର୍କରେ ସଚେତନ କରାଇଥିଲେ। ଜିଲା ଜୁନିୟର ରେଡକ୍ରସ ଅଧିକାରୀ ନିରଞ୍ଜନ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୩୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଜରୁରୀକାଳୀନ ଅଧିକାରୀ ଡ. ଅନନ୍ୟା ତ୍ରିପାଠୀ, ଖବରଦାତା ପ୍ରମୋଦ ମଲ୍ଲିକ,ଜିଲା ଜୁନିୟର ରେଡକ୍ରସ ସମ୍ପାଦିକା ସ୍ମିତା ପ୍ରତିଭା ସାହୁ,ଜୁନିୟର ରେଡକ୍ରସ ଶିବିର ସଙ୍ଗଠନ ସମ୍ପାଦକ ପ୍ରିୟରଞ୍ଜନ ଦାଶ,ସରପଞ୍ଚ ସନାତନ ସାହୁ,ସମିତି ସଭ୍ୟ ରାମଚନ୍ଦ୍ର ଦାସ , ନୋଡାଲ ପ୍ରଧାନ ଶିକ୍ଷକ ବିରଞ୍ଚି ମହାପାତ୍ର, ପ୍ରାକ୍ତନ ଜିଲା ପରିଷଦ ସଦସ୍ୟ ସୁଶାନ୍ତ ରାଉତ ତଥା ଜୁନିୟର ରେଡକ୍ରସର ପରାମର୍ଶଦାତାମାନେ କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

# ଚାଲିଛି ବେଆଇନ ମାଙ୍କଡ଼ା ଖାଦାନ

■ତହସିଲ ପ୍ରଶାସନର ଦୃଷ୍ଟି ପଡୁନାହିଁ
■ ଜିଲାପାଳ ପଦକ୍ଷେପ ନେବାକୁ ଦାବି

ଚଣ୍ଡିଖୋଲ,୪।୩(ଡି.ଏନ୍.ଏ.): ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ପଶ୍ଚିମ ବଡ଼ଚଣା କୁହାଯାଉଥିବା ୫ଟି ପଞ୍ଚାୟତରେ ୧୫ରୁ ଊର୍ଦ୍ଧ୍ୱ ବେଆଇନ ମାଙ୍କଡ଼ା ଖାଦାନ ଚାଲିଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁନାହିଁ। ଦର୍ପଣ ତହସିଲ କର୍ତ୍ତୃପକ୍ଷ ଓ ବୈରୀ ଥାନା ପୋଲିସ ଏ ସମ୍ପର୍କରେ ଜାଣିଥିଲେ ମଧ୍ୟ ନୀରବ ରହିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ଜାନୁୟାରୀ ୨୯ରେ ଧରିତ୍ରୀରେ 'ଚାଲିଛି ବେଆଇନ ମାଙ୍କଡ଼ା ଖାଦାନ' ଶୀର୍ଷକ ଖବର ପ୍ରକାଶ ପରେ ଯାଜପୁର ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ବୈରୀ ଥାନାକୁ ଗସ୍ତ ସମୟରେ ଛତିଆ ବୈରୀ ମଧ୍ୟରୁ ଦୁଇଟି ମାଙ୍କଡ଼ା ବୋଝେଇ ଟ୍ରକ ଜବତ କରିଥିଲେ। ଏହାପରେ କୌଣସି ବିଭାଗୀୟ ଅଧିକାରୀ ଚଢ଼ାଉ କରୁନାହାନ୍ତି। ଫଳରେ ଦୈନିକ ଶହ ଶହ ଟ୍ରିପ୍ ମାଙ୍କଡ଼ା ବୋଝେଇ ଟ୍ରକ ଛତିଆ-କଳକଳା ରାସ୍ତା ଓ ଶାଳପଡ଼ା-ଦର୍ପଣୀ ରାସ୍ତା ଦେଇ ଯାଉଥିବାବେଳେ ପୋଲିସ କିମ୍ବା ତହସିଲ କର୍ତ୍ତୃପକ୍ଷ ଏହାକୁ କେବେ ଧରିବା ଜଣାପଡୁ ନାହିଁ। ରାସ୍ତାକଡ଼ରେ ବୈରୀ ଥାନା ଥିବାବେଳେ ପୋଲିସ ପଦକ୍ଷେପ ନ ନେବା ଯୋଗୁ କୋଟିକୋଟି ଟଙ୍କାର ରାଜସ୍ୱ ହାନି ଘଟୁଛି।


ମାଙ୍କଡ଼ା ଖାଦାନ ।

ସୂଚନା ଥାଉକି, ଶାଳପଡ଼ା, ସମିଆ, ବୈରୀ, ପାରିଆ ଆଦି ପଞ୍ଚାୟତରେ ଏହି ଖାଦାନ ଗୁଡ଼ିକ ରହିଛି। ପଥର ମାଫିଆ ଦିନରେ ପଥର କାଟୁଥିବାବେଳେ ସନ୍ଧ୍ୟାପରେ ଏହାକୁ ଟ୍ରକ ଯୋଗେ ବାହାରକୁ ଚାଲାଣ କରୁଛନ୍ତି। ଏପରିକି ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ କଟକ ଜିଲାକୁ ଏହି ଚୋରା ମାଙ୍କଡ଼ା ପଥର ବ୍ୟାପକ ଭାବେ ଚାଲାଣ ହେଉଛି। ପ୍ରତ୍ୟେକ ବର୍ଷ ଏହି ଚୋରା କାରବାର ଅନାୟସରେ ଚାଲୁଥିବାବେଳେ ସେଭଳି କୌଣସି ଆଖି ଦୃଷ୍ଟିଆ ପଦକ୍ଷେପ ନିଆଯାଇ ନାହିଁ। ୧୫ବର୍ଷ ତଳେ ତତ୍କାଳୀନ ଆରଡିସି ଏହି ବେଆଇନ ମାଙ୍କଡ଼ା ଖାଦାନ ଉପରେ ଚଢାଉ କରି ୬ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ରାଜସ୍ୱ ଓ ବନ ବିଭାଗ କର୍ମଚାରୀଙ୍କୁ ନିଲମ୍ବନ କରିଥିଲେ। ଏହାପରେ ଦୁଇରୁ ତିନି ବର୍ଷ ଖାଦାନ ଗୁଡ଼ିକ ବନ୍ଦ ହୋଇଯାଇଥିଲା। ପରେ ଖାଦାନଗୁଡ଼ିକ ଲୁଚା ଛପାରେ ଚାଲୁ ରହିଛି। ଏହି ଚୋରା ବ୍ୟବସାୟରେ କେତେକ ରାଜନୈତିକ ବ୍ୟକ୍ତି ବିଶେଷ ସମ୍ପୃକ୍ତିଥିବାରୁ ପୋଲିସ କିମ୍ବା ତହସିଲ ପ୍ରଶାସନର ହାତ ପାଉନାହିଁ ବୋଲି ଚର୍ଚ୍ଚା ହେଉଛି। ଯଦି ଖାଦାନ ଗୁଡ଼ିବ ବନ୍ଦ ନକରାଯାଏ ତେବେ ରାଜ୍ୟ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଇବେ। ତେଣୁ ଏ ଦିଗରେ ଜିଲାପାଳ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ଶୁଭଦର୍ଶନ ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, କେବଳ ପାରିଆ ପଞ୍ଚାୟତରେ ଗୋଟିଏ ଖାଦାନକୁ ନିଲାମ ଦିଆଯାଇଛି। ଅନ୍ୟ କୌଣସି ଖାଦାନକୁ ନିଲାମ ଦିଆଯାଇ ନାହିଁ। ତୁରନ୍ତ ବେଆଇନ ଅନ୍ୟଖାଦାନ ଉପରେ ଚଢ଼ାଉ କରାଯିବ।

## ରାଧାକୃଷ୍ଣଙ୍କ ଭକ୍ତିରେ ବିଭୋର ଶ୍ରଦ୍ଧାଳୁ


ଶ୍ରଦ୍ଧାଳୁମାନେ ବିମାନକୁ ଶୋଭାଯାତ୍ରାରେ ନେଉଛନ୍ତି ।

**ଛତିଆ ରାଜଦୋଳ ମିଳନରେ ବିମାନ ଯାତ୍ରା**

ଛତିଆ,୪।୩(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅଧୀନ ଛତିଆଠାରେ ଚାଲିଥିବା ରାଜଦୋଳ ମିଳନ ମହୋତ୍ସବ ଅବସରରେ ଶନିବାର ଏକ ବିମାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳୁ ମେଳା ପଡ଼ିଆରେ ବିରାଟ ପଟୁଆରା ଶୋଭାଯାତ୍ରାରେ ରାଧାକୃଷ୍ଣଙ୍କ ବିମାନ ପହଞ୍ଚିବା ପରେ ଶ୍ରଦ୍ଧାଳୁ ରାଧାକୃଷ୍ଣଙ୍କ ଭକ୍ତିରେ ବିଭୋର ହୋଇଥିଲେ। ପ୍ରଥମେ ଥାନପତି ବିମାନ ପହଞ୍ଚିବା ପରେ ଅନ୍ୟ ୪୦ ବିମାନ ଆସି ମଣ୍ଡପରେ ପହଞ୍ଚିଥିଲା। ପରେ ପୂଜାର୍ଚ୍ଚନା ଓ ଭୋଗ ଅର୍ପଣ ହୋଇଥିଲା। ମହୋତ୍ସବ କମିଟି ପକ୍ଷରୁ ଭୋଗ ଲଗାଯିବା ପରେ ବିମାନ ଲେଉଟାଣି ଉତ୍ସବ ଆରମ୍ଭ ହୋଇଥିଲା। ଛତିଆ ସମେତ ଚମ୍ପାପୁର, ନେଳିଆ, ସୋଲର, ବୈରୀ, ବନ୍ଧାଳୋ ଓ କଟକ ଜିଲାର କଇଥା, ସମସରପୁର, ମାଗୁରା ଧାନମଣ୍ଡଳ, ଗୋବିନ୍ଦପୁର ଏବଂ ଉଚପଦା ଆଦି ପଞ୍ଚାୟତରୁ ବିମାନଗୁଡ଼ିକ ସଙ୍କୀର୍ତ୍ତନ, ଲଉଡ଼ିଖେଳ, ବାଜାବାଣ ଓ ଶୋଭାଯାତ୍ରାରେ ଆସିଥିଲେ। ବୈରୀ ଥାନା ଓ ଛତିଆ ବିଟ୍ ହାଉସ ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। କମିଟି ମୁଖ୍ୟ ଆବାହକ ମିହିର ପ୍ରତାପ ଦାସ, ଛତିଆ ସରପଞ୍ଚ ରମେଶ ପୃଷ୍ଟି, ସମିତିସଭ୍ୟ ଦୀପକ ସାହୁ, ଭଜହରି ପୃଷ୍ଟି, ଅମ୍ବିକା ପ୍ରସାଦ ମହାନ୍ତି, ସଞ୍ଜୟ ବେହେରା, ଶରତ ପାଣିଗ୍ରାହୀ ଓ କପିଳ ରାଉତଙ୍କ ସମେତ କମିଟିର ସମସ୍ତ ସଭ୍ୟ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

# କ୍ରୀଡ଼ା ଭଳି ଶିକ୍ଷାକ୍ଷେତ୍ରରେ ପ୍ରତିଯୋଗିତା ଆବଶ୍ୟକ


ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

**ଆମ୍ର କାନନ ଶିକ୍ଷାନିକେତନର ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣୀ ଉତ୍ସବ**

ବରୀ,୪।୩ (ଡି.ଏନ୍.ଏ.) ବରୀ ଶିକ୍ଷା ମଣ୍ଡଳ ଅଧୀନ ଆମ୍ର କାନନ ଶିକ୍ଷାନିକେତନର ୫୬ତମ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଙ୍କ ନୃତ୍ୟ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ଉତ୍ସବରେ ପ୍ରଧାନ ଶିକ୍ଷକ ଶିଶିର କୁମାର ମଲିକ ସଭାପତିତ୍ୱ କରିଥିବାବେଳେ ପ୍ରଦୀପ୍ତ ସାମଲ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ କ୍ରୀଡ଼ାକ୍ଷେତ୍ରରେ ପ୍ରତିଯୋଗୀମାନେ ଯେଭଳି ପ୍ରତିଯୋଗୀ ମନୋଭାବ ନେଇ ସମ୍ବର୍ଦ୍ଧିତ ହେଉଛନ୍ତି ଶିକ୍ଷାକ୍ଷେତ୍ରରେ ମଧ ସେଭଳି ମନୋଭାବ ରଖିବା ଉଚିତ୍। ଫଳରେ ଆଗାମୀ ଦିନରେ ବହୁ କୃତୀ ଛାତ୍ରୀଛାତ୍ର ସୃଷ୍ଟି ହୋଇପାରିବେ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରଫେସର ଦାମୋଦର ବେହେରା ଯୋଗଦେଇ କ୍ରୀଡ଼ା ବ୍ୟତୀତ ଗୁଣାତ୍ମକ ଶିକ୍ଷା, ଆଧ୍ୟାତ୍ମିକ ଚିନ୍ତାଧାରା, ଶିକ୍ଷୟିତ୍ରୀଶିକ୍ଷକଙ୍କ ପରାମର୍ଶ ଯଦି ଛାତ୍ରୀଛାତ୍ରମାନେ ସୁସ୍ଥ ମାନସିକତାରେ ଗ୍ରହଣ କରନ୍ତି ତେବେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷା ମଣ୍ଡଳ ଅଧିକାରୀ ଗୁରୁଚରଣ ଷଡଙ୍ଗୀ, ବରିଷ୍ଠ ଶିକ୍ଷକ ଅଶୋକ ସାମଲ, ମିନତି ସାମଲ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷା କମିଟିର ସଭାପତି ଅଜୟ ପତି, ଉପସଭାପତି କୃଷ୍ଣଚନ୍ଦ୍ର ପାତ୍ର, ଶିକ୍ଷକ ଶିବ ପ୍ରସାଦ ମଲିକ, ସମିତିସଭ୍ୟ ସୁଧାଂଶୁବାଳା ସାମଲ, ପ୍ରାକ୍ତନ ସରପଞ୍ଚ ସୁଧାଂଶୁ ସାମଲ, ପ୍ରଧାନ ଶିକ୍ଷକ ଗିରିଶ ବିହାରୀ ମିଶ୍ର, ଶିକ୍ଷୟିତ୍ରୀ ଅନନ୍ୟା ବିଶ୍ୱାଳ, ସାମାଜିକ କର୍ମୀ ନିର୍ମଳ ଦାସ ଯୋଗଦେଇଥିଲେ। ବିଭିନ୍ନ ବିଭାଗର ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ପୂର୍ଣ୍ଣିମା କର ଧନ୍ୟବାଦ ଦେଇଥିଲେ।

## ମନ୍ଥନର ବାର୍ଷିକୋତ୍ସବ

ଯାଜପୁର ରୋଡ,୪।୩(ଡି.ଏନ୍.ଏ.) ଦୈନିକ ଖବରକାଗଜ ମନ୍ଥନର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଶୁକ୍ରବାର ବ୍ୟାସନଗରର ଉତ୍ସବ ପ୍ୟାଲେସଠାରେ ପାଳିତ ହୋଇଯାଇଛି। ମନ୍ଥନର ସମ୍ପାଦକ ଶରତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ କମିଟି ଅଧ୍ୟକ୍ଷା ବନ୍ଦିତା ପରିଡ଼ା ମୁଖ୍ୟଅତିଥି, ଶ୍ରମିକ ନେତା ମାୟାଧର ନାୟକ ମୁଖ୍ୟବକ୍ତା, କାରଗିଲ ଯୋଦ୍ଧା କଲୋନେଲ ବିଶେଶ୍ୱର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ଖବରକାଗଜଗୁଡ଼ିକର ସ୍ଥିତି ବିଷୟରେ ଆଲୋକପାତ କରିଥିଲେ। ମନ୍ଥନର ଜିଲା ପ୍ରତିନିଧି ଦୟାନିଧି ନାୟକ ସଭା ପରିଚାଳନା କରିଥିବାବେଳେ ସ୍ୱତନ୍ତ୍ର ପ୍ରତିନିଧି ଆନନ୍ଦ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଖବରଦାତା ମାୟାଧର ନାୟକ, ଗବେଶକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ପଞ୍ଚାୟତିରାଜ ପ୍ରତିନିଧି ହରେକୃଷ୍ଣ ସାହୁ, ସାହିତ୍ୟିକା ବିଦ୍ୟୁତ୍‌ଲତା ଦାସ, ଶିକ୍ଷାବିତ ନିର୍ମଳ ଚନ୍ଦ୍ର ରାଉତ, ଡାକ୍ତର ଗୌରୀ ଶଙ୍କର ଷଡ଼ଙ୍ଗୀ, ବରିଷ୍ଠ ସାମ୍ବାଦିକ ଜୟନାରାୟଣ ମହାପାତ୍ର, ଆଦର୍ଶ ସମ୍ପାଦକ ରମାକାନ୍ତ ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଯାଜପୁର ରୋଡ୍ ଜେମ୍ସକୁ ଆଦର୍ଶ ବିଦ୍ୟାଳୟ ସମ୍ମାନ, କାଳିଆପାଣି ଇମ୍ପାକୁ ଖଣି ସୁରକ୍ଷା ସମ୍ମାନ ପ୍ରଦାନ କରାଯାଇଥିଲା।

## ଭିସା କାରଖାନାରେ ଜାତୀୟ ସୁରକ୍ଷା ଦିବସ


ସୁରକ୍ଷା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

କଳିଙ୍ଗନଗର,୪।୩(ଡି.ଏନ୍.ଏ.) କଳିଙ୍ଗନଗର ଶିଳ୍ପାଞ୍ଚଳର ଭିସା ଷ୍ଟିଲ କାରଖାନା ପରିସରରେ ୫୨ତମ ଜାତୀୟ ସୁରକ୍ଷା ଦିବସ ଓ ସପ୍ତାହ ଆରମ୍ଭ ହୋଇଯାଇଛି। କାରଖାନାର ନିର୍ଦ୍ଦେଶକ ମନୋଜ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ସୁରକ୍ଷା ପତାକା ଉତ୍ତୋଳନ କରିବା ସହିତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହାପରେ କାର୍ଯ୍ୟକ୍ରମରେ ଭାଗ ନେଇଥିବା କାରଖାନାର ଅନ୍ୟ ପଦାଧିକାରୀ, କର୍ମଚାରୀ ଓ ଶ୍ରମିକମାନେ ସୁରକ୍ଷା ଶପଥ ପାଠ କରିଥିଲେ। ନିର୍ଦ୍ଦେଶକ ମନୋଜ କୁମାର କର୍ମଚାରୀମାନଙ୍କୁ ସଡ଼କ ସୁରକ୍ଷା, କର୍ମକ୍ଷେତ୍ର, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦେବାପାଇଁ ବାର୍ତ୍ତା ଦେଇଥିଲେ। ସୁରକ୍ଷା କ୍ଷେତ୍ରରେ ଅବଦାନ ପାଇଁ କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। କାରଖାନାର ସୁରକ୍ଷା ବିଭାଗ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

# ଜନକଲ୍ୟାଣ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି

**ପାଣିକୋଇଲି ଥାନାର ଆମ ପୋଲିସ ସମିତି ବୈଠକ**

ପାଣିକୋଇଲି,୪।୩(ଡି.ଏନ.ଏ.): ପାଣିକୋଇଲି ଥାନା ଆମ ପୋଲିସ ସମିତିର ଏକ ବୈଠକ ଶନିବାର ଅପରାହ୍ନରେ ଥାନା ଅଭ୍ୟର୍ଥନା ଗୃହରେ ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନାଧିକାରୀ ଚିନ୍ମୟୀ ବେହେରା ଯୋଗଦେଇ ଆମ ପୋଲିସ ସମିତର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ ସମସ୍ୟା ଓ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ସଦସ୍ୟମାନେ ମତ ରଖିଥିଲେ। ନିୟମିତ ବୈଠକ ଓ ଲୋକଙ୍କ ନିକଟତର ହେବା ପାଇଁ ଭ୍ରାମ୍ୟମାଣ ବୈଠକ, ଆଇନ ସମ୍ପର୍କିତ ସଚେତନତା ଓ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଗ୍ରୀଷ୍ମ ପ୍ରବାହ ଯୋଗୁ ପାଣିକୋଇଲିରେ ଜଳଛତ୍ର ଖୋଲାଯିବାକୁ ଆଲୋଚନା କରାଯାଇଥିଲା। ବୈଠକରେ ରାମଚନ୍ଦ୍ର ବେହେରା, ଅଦୈତ୍ୟ ଚରଣ ଦାଶ, ନୃସିଂହ ଚରଣ ଦଳାଇ, ଅକ୍ଷୟ କୁମାର ଜେନା, ତାରିଣୀ କୁମାର ପଟ୍ଟନାୟକ, ଶଶିକାନ୍ତ ମଲ୍ଲିକ, ବଳରାମ ସାହୁ, ସେକ୍ ବାବୁ, ଦେବକୀ ମୁଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ମନମୋହନ ବାରିକଙ୍କ ସମତେ ସମସ୍ତ ଅଧିକାରୀ/କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଏସ୍‌ଆଇ ପ୍ରକାଶ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।



ଆମ ପୋଲିସ ସମିତି ବୈଠକରେ ଯୋଗଦେଇଥିବା ଥାନାଧିକାରୀ ଓ ଅନ୍ୟମାନେ ।

## ନୂଆପଦା ସ୍କୁଲର ବାର୍ଷିକ ଉତ୍ସବ

ପାଣିକୋଇଲି,୪।୩(ଡି.ଏନ.ଏ.): କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତ ନୂଆପଦା ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଅଶୋକ ବଳ, ମୁଖ୍ୟବକ୍ତା ଭାବେ କୋରେଇ ବିଡିଓ ରଞ୍ଜନ କୁମାର ପରିଡ଼ା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୁଶ୍ରୀ ସସ୍ମିତା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଣିକୋଇଲି ଏସ୍‌ବିଆଇ ଶାଖା ପରିଚାଳକ ସଞ୍ଜୟ କୁମାର ତ୍ରିପାଠୀ, ପଥରପଦା ସରପଞ୍ଚ ମଧୁସ୍ମିତା ବାରିକ, ସମିତିସଭ୍ୟା ସରସ୍ୱତୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ତାରିଣୀ ପ୍ରସାଦ ରାୟ ଅତିଥିଙ୍କୁ ମଞ୍ଚକୁ ସ୍ୱଗତ କରିବା ସହ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ପ୍ରାଦେଶିକ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଓ ସାଂସ୍କୃତିକ ନୃତ୍ୟ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ମହାରଣା, ଶିକ୍ଷକ ବଳରାମ ବେହେରା ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରାକ୍ତନ ଶିକ୍ଷୟିତ୍ରୀଶିକ୍ଷକ ଏବଂ ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ବିଦ୍ୟାଳୟର ବାର୍ଷିକ ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷକ ତାରିଣୀ ପ୍ରସାଦ ରାୟ ଧନ୍ୟବାଦ ଦେଇଥିଲେ।

# ବାରବାଟୀ, ବନ୍ଦରେଶ୍ୱରରେ ଦୋଳ ମେଳଣ


ଦୋଳ ମେଳନରେ ସାମିଲ ହୋଇଥିବା ବିମାନ ।

**ସାମିଲ ହେଲେ ୪୦ରୁ ଊର୍ଦ୍ଧ୍ୱ ବିମାନ**

ଚଣ୍ଡିଖୋଲ,୪।୩(ଡି.ଏନ୍.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ବାରବାଟୀ ଓ ବନ୍ଦରେଶ୍ୱରଠାରେ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ଶନିବାର ବନ୍ଦରେଶ୍ୱର ବଡ଼ଦାଣ୍ଡଠାରେ ବହୁ ରାଧାକୃଷ୍ଣ ବିମାନ ପହଞ୍ଚିବାପରେ ଭୋଗ ଲାଗି ହୋଇଥିଲା। ଏଥିରେ ବନ୍ଦରେଶ୍ୱରର ରାଧାକାନ୍ତ ଜୀଉ, ଓଳାଶୁଣୀ ଗୁମ୍ଫା, ଲଙ୍ଗୁଳିମଠ, ପଳେଇ ପଟ୍ଟନାୟକ ସାହି, ପଳେଇ ରାଧାକାନ୍ତ ମଦନମୋହନ, ବିକ୍ରମ ତିରଣ ଗୋପୀନାଥ ଜୀଉ, ବରଦା ବୃନ୍ଦାବନ ଜୀଉ, ବରଦା ଗୋପୀନାଥ ଜୀଉ, ବାଲିପଡ଼ିଆ ହରିହର ଜୀଉ, ନୀଳକଣ୍ଠେଶ୍ୱର ମହାଦେବ ଓ ବାଲିପଡ଼ିଆ ରାଧାଗୋବିନ୍ଦ ଜୀଉ ଆଦି ବିମାନ ଯୋଗଦେଇ ମେଳଣରେ ସାମିଲ ହୋଇଥିଲେ। ଗ୍ରାମର ମୁରବୀମାନେ ସମସ୍ତ ବିମାନକୁ ଭୋଗ ଲାଗି କରାଇଥିଲେ। ସେହିଭଳି ବାରବାଟୀ ଯଜ୍ଞପଡ଼ିଆରେ ଦୋଳ ମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚୁପାଣ୍ଡବ, ବରଦା, ବିକ୍ରମତିରଣ, ଓଳାଶୁଣୀ ଗୁମ୍ଫା ଓ ବାଲିପଡ଼ିଆ ଆଦି ୪୦ରୁ ଊର୍ଦ୍ଧ୍ୱ ବିମାନ ସାମିଲ ହୋଇଥିଲେ। ୧୯୬୦ ମସିହାରେ ଆରମ୍ଭ ହୋଇଥିବା ଏହି ମେଳଣ କିଛି ବର୍ଷ ଧରି ବନ୍ଦ ରହିବା ପରେ ପୁନର୍ବାର ୩ବର୍ଷ ହେବ ଚାଲିଛି। ଏହାକୁ ରମାକାନ୍ତ ସାମଲ, ରତିକାନ୍ତ ସାମଲ, ନୃସିଂହ ଚରଣ ଜେନା, ବିକ୍ରମ ପ୍ରଧାନ, ଅଶୋକ ସାମଲ, ପ୍ରଶନ୍ନ ପରିଡ଼ା ଓ ସୁଭେନ୍ଦୁ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ସୁସ୍ଥ ସମାଜ ଗଠନ ପାଇଁ ଶିକ୍ଷାର ଗୁରୁତ୍ୱ ଅଧିକ

**ରାଜକନିକା,୪।୩(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ପଣସଗଣ୍ଡ ପଞ୍ଚାୟତ ଦାମୋଦରପୁର ଉତ୍କଳମଣୀ ଉଚ୍ଚ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଅନନ୍ଦା ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସୁସ୍ଥ ସମାଜ ଗଠନ ପାଇଁ ଶିକ୍ଷାର ଗୁରୁତ୍ୱ ଅଧିକ ବୋଲି ଅତିଥିମାନେ କହିଥିଲେ । ଶିକ୍ଷାବିତ୍ ପ୍ରବୋଧ ଚନ୍ଦ୍ର ଦାସ, ଶିକ୍ଷାବିତ୍ ବିଦ୍ୟାଧର ଦାସ, ବୁଦ୍ଧିଜୀବୀ ଶିବରାମ ଦାସ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ପ୍ରାକ୍ କାଳର ଗୁରୁକୂଳ ଜୀବନ ଓ ସାଂପ୍ରତିକ ସମୟର ଶିକ୍ଷାଦାନ ମଧ୍ୟରେ ଥିବା ସମ୍ପର୍କ ଉପରେ ମତ ରଖିଥିଲେ । ଶିକ୍ଷା କେବଳ ପାଠପଢ଼ା ବହି ମଧ୍ୟରେ ନ ଥାଏ । ଖେଳକୁଦଠାରୁ ଗବେଷଣା ପର୍ଯ୍ୟନ୍ତ ଶିକ୍ଷାର୍ଥୀଙ୍କୁ ବହୁ ସମୟ ଦେଇ ସବୁ ବିଷୟକୁ ଅକ୍ତିଆର କରିବା କେବଳ ଶିକ୍ଷା ଦ୍ୱାରା ସମ୍ଭବ ବୋଲି କହିଥିଲେ । ଏହି ଅବସରରେ ଅତିଥିମାନେ କୃତିଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ ସୁନନ୍ଦା ନାୟକ, ଭାଗ୍ୟବତୀ ବେହେରା, ଶିକ୍ଷକ ସୁବୋଧ କୁମାର ସୋରେନ, ଲାଲବାବୁ ଖାନ, ମାନଗୋବିନ୍ଦ ବିଶ୍ୱାଳ, ନିଗମାନନ୍ଦ ସାମଲ, ବୈଦନାଥ ସାମଲ ପ୍ରମୁଖ ଏହି ଉତ୍ସବକୁ ପରିଚାଳନା କରିଥିଲେ ।

# ମୁଖ୍ୟ ଜୀବିକାରେ ବାଧକ ଜଳସେଚନ

**କେନ୍ଦ୍ରାପଡ଼ା ଅଫିସ, ୪।୩**

- ଜଳ ନିଷ୍କାସନ ସମସ୍ୟାରେ ଚାଷୀ
- ୯ରୁ ୩ ବ୍ଲକ ଅଞ୍ଚଳରେ କେନାଲ ନାହିଁ
- ପ୍ରହସନ ପାଲଟିଛି ପାଣି ପଞ୍ଚାୟତ ଅନୁଦାନ ଖର୍ଚ୍ଚ

କେନ୍ଦ୍ରାପଡ଼ା ଜିଲାର ୬୯ ପ୍ରତିଶତ ଅଧିବାସୀ କୃଷି ଉପରେ ନିର୍ଭରଶୀଳ । ପରିବାର ପ୍ରତିପୋଷଣ ପାଇଁ ସେମାନେ ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥିବା ବେଳେ ଚାଷ ଜମିର ଜଳସେଚନ ଓ ନିଷ୍କାସନ ପରିଚାଳନା ବାଧକ ହୋଇଛି । ଏହି ଜିଲାରେ ୭ ନଦୀ ଓ ୨୭ ଶାଖା ନଦୀଦେଇ ମଧୁର ଜଳ ସମୁଦ୍ରକୁ ଯାଇଥାଏ । କେନ୍ଦ୍ରାପଡ଼ା କେନାଲ, ପଟ୍ଟାମୁଣ୍ଡାଇ କେନାଲ, ଗୋବରୀ କେନାଲ ଆଦି ସହ ନିକଟରେ ମହାନଦୀ ଚିତ୍ରୋତ୍ପଳା ଜଳ ପ୍ରକଳ୍ପ ମାଧ୍ୟମରେ ଏକ ବୃହତ୍ କେନାଲ ଖୋଳାଯାଇଛି । ଏହାସତ୍ତ୍ୱେ ଜିଲାର ଅଧାରୁ ଅଧିକ ଚାଷ ଜମିକୁ ଫସଲ ସମୟରେ ପାଣି ପହଞ୍ଚୁ ନାହିଁ । ସେହିପରି ବର୍ଷାଦିନେ ବନ୍ୟା,ବାତ୍ୟାର ଉଦ୍‌ବୃତ୍ତ ଜଳ ନିଷ୍କାସନ ସମସ୍ୟା ଗୁରୁତର ହୋଇଛି । ଜିଲାର ୯ ବ୍ଲକ ମଧ୍ୟରୁ ଆଳି, ରାଜନଗର ଓ ରାଜକନିକାରେ ଆଦୌ କେନାଲ ନାହିଁ । ଜଳ ସମ୍ପଦ ବିଭାଗ, କୃଷି ବିଭାଗ, ପଞ୍ଚାୟତରାଜ ବିଭାଗ, ଉଠା ଜଳସେଚନ ବିଭାଗ ଏହି ଜିଲାରେ କାମ କରୁଛି । ସରକାରଙ୍କ ଘୋଷଣା ମୁତାବକ ପ୍ରତି ବ୍ଲକର ଅନ୍ୟୂନ ୩୫ ପ୍ରତିଶତ କ୍ଷେତକୁ ପାଣି ଯୋଜନା କାର୍ଯ୍ୟକାରୀ ପ୍ରତି ବିଭାଗଗୁଡିକ ପକ୍ଷରୁ ତତ୍ପରତା ନାହିଁ । ରାଜକନିକା ବ୍ଲକ ଅଞ୍ଚଳରେ ଉଠା ଜଳସେଚନ ମାଧ୍ୟମରେ ୩୩.୬୨ ପ୍ରତିଶତ କ୍ଷେତକୁ ପାଣି ଯୋଗାଇ ଦିଆଯାଉଥିବା ସୂଚନା ମିଳିଛି ।

ତଥ୍ୟ ଅନୁଯାୟୀ, ମହାକାଳପଡ଼ା ବ୍ଲକର ମୋଟ ୨୮,୦୭୦ ହେକ୍ଟର ଚାଷ ଜମି ମଧ୍ୟରୁ ମାତ୍ର ୬୮୨୩ ହେକ୍ଟର ଅର୍ଥାତ୍ ୨୪.୩୧ ପ୍ରତିଶତ କ୍ଷେତକୁ ପାଣି ମିଳୁଛି । ସେହିପରି ରାଜନଗରର ମୋଟ ୨୫୮୯୫ ହେକ୍ଟର ଜମିରୁ ମାତ୍ର ୧୯.୧୬ ପ୍ରତିଶତ ଜମି ଜଳସେଚିତ । ଅପରପକ୍ଷେ ପ୍ରତିବର୍ଷ ଜିଲାରେ ୧ଲକ୍ଷ ୫୪ ହଜାର ହେକ୍ଟର ଜମିରେ ଖରିଫ ଚାଷ ପାଇଁ ଜିଲା କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ ହେଉଛି । ଏଥିପାଇଁ ବିହନ, ସାର, ଔଷଧ, ବୈଷୟିକ ଜ୍ଞାନକୌଶଳ ଆଦି ପାଇଁ ଯୋଜନା ମୁତାବକ ଅର୍ଥ ବ୍ୟୟ ହେଉଛି । ଜଳ ପରିଚାଳନା ସମସ୍ୟା ପାଇଁ ଏହି ଯୋଜନା ଅର୍ଥ ଚାଷୀଙ୍କ କାର୍ଯ୍ୟକୁ ଆସୁନାହିଁ । ବହୁ ଚାଷୀ ଚାଷ କାର୍ଯ୍ୟ ଛାଡି ପରିବାର ପ୍ରତିପୋଷଣ ପାଇଁ ଜିଲା ବାହାରକୁ ଦାଦନ ଶ୍ରମିକ ଭାବେ ଯାଉଛନ୍ତି । ଧାର୍ଯ୍ୟ ଲକ୍ଷ୍ୟ ୧ ଲକ୍ଷ ୫୪ ହଜାର ହେକ୍ଟର ମଧ୍ୟରୁ ମାତ୍ର ୪୭,୭୨୭ ହେକ୍ଟର ଜମିକୁ କେନାଲ ମାଧ୍ୟମରେ ଜଳସେଚନ ହେଉଥିବା ଜିଲା କୃଷି ବିଭାଗ ତଥ୍ୟରୁ ଜଣାପଡିଛି । ଲିଫ୍ଟ ଇରିଗେଶନ ପଏଣ୍ଟ, ସ୍ୟାଲୋ ଟ୍ୟୁବ୍‌ୱେଲ ଆଦି ମାଧ୍ୟମରେ ଜିଲାର ମୋଟ ୩୦୬୮୧ ହେକ୍ଟରକୁ ଜଳସେଚନ ହେଉଥିବା ବେଳେ ଅନ୍ୟାନ୍ୟ ଜଳ ଉତ୍ସରୁ ୧୦୬୨୪ ହେକ୍ଟର କ୍ଷେତକୁ ପାଣି ଯାଉଥିବା ତଥ୍ୟରେ ଉଲ୍ଲେଖ ଅଛି । ତେବେ ତୃଣମୂଳସ୍ତରରେ ଯାଞ୍ଚ କରିବା ସମୟରେ ଏହି ସରକାରୀ ତଥ୍ୟ ଅବାସ୍ତବ ବୋଲି ଚାଷୀମାନେ ବାରମ୍ବାର ଅଭିଯୋଗ କରୁଛନ୍ତି ।

ଏସମ୍ପର୍କରେ କେନ୍ଦ୍ରାପଡା ବ୍ଲକ କଂସାର ଗ୍ରାମର ଚାଷୀ ନିରଞ୍ଜନ ପରିଡ଼ା, ରାଜକନିକା ବ୍ଲକ ବାରାହାଦୋମୁଣ୍ଡା ଗ୍ରାମର ସୁଶାନ୍ତ ନାୟକ, ରାଜନଗର ବ୍ଲକ ହାତିଆ ଗ୍ରାମର ଟୁଲୁ ପ୍ରଧାନ, ମହାକାଳପଡ଼ା ବ୍ଲକର ସୁନୀଲ କୁମାର ଗନ୍ତାୟତ ପ୍ରମୁଖ କହିଛନ୍ତି, କେନାଲଗୁଡ଼ିକରେ ଦଳ ଭର୍ତ୍ତି ଯୋଗୁ ଶେଷମୁଣ୍ଡରେ ପାଣି ପହଞ୍ଚୁ ନାହିଁ । ଉନ୍ନତୀକରଣ ନାମରେ କେତେକ କେନାଲ ଓ ଶାଖା କେନାଲରେ କେବଳ ଅଳିଆ କାଢ଼ି ଉନ୍ନୟନ ଅର୍ଥ ହଡପ ହେଉଛି । ସେହିପରି କେନାଲ ଶଯ୍ୟାକୁ ଗଭୀର ଭାବେ ଖୋଳି ନେବା ପରେ ଶେଷ ପର୍ଯ୍ୟନ୍ତ ପାଣି ଉଠୁନାହିଁ । ଉଠା ଜଳସେଚନ ବିଭାଗ ପକ୍ଷରୁ ଗଠନ ହୋଇଥିବା ପାଣି ପଞ୍ଚାୟତ ଏବେ ପ୍ରହସନ ପାଲଟିଛି । ସଭ୍ୟାସଭ୍ୟଙ୍କ ଅଜାଣତରେ କର୍ମକର୍ତ୍ତାମାନେ ସରକାରୀ ଅନୁଦାନକୁ ଠିକାଦାରି ଆଳରେ ଅର୍ଥ ହଡପ କରୁଛନ୍ତି । ଉଠା ଜଳସେଚନ ପ୍ରକଳ୍ପ ଏବେ ବିଭିନ୍ନ କାରଣରୁ ଉପଯୋଗୀ ହୋଇ ନାହିଁ । ବିଦ୍ୟୁତ୍ ଦେୟ ବାକି ସହିତ ମୋଟର ପୋଡିବା ପରେ ଏହାର ବଦଳ ହେଉ ନ ଥିବାରୁ ଚାଷୀଙ୍କୁ ଫସଲ ପାଇଁ ପାଣି ମିଳୁନାହିଁ । ସେହିପରି ପ୍ରତିବର୍ଷ ବନ୍ୟା ଓ ବର୍ଷାରେ ଫସଲ ନଷ୍ଟ ହେଉଛି । ବାତ୍ୟା ମଧ୍ୟ ଚାଷକୁ କ୍ଷତି ପହଞ୍ଚାଉଛି । ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇ ପାରୁନାହିଁ । ବିଭିନ୍ନ ନଦୀ ଓ କେନାଲର ଜଳକୁ ବ୍ୟାରେଜ, କ୍ରିକ୍ ବନ୍ଧ ଦ୍ୱାରା ଅଟକାଇ କ୍ଷେତକୁ ଜଳ ପରିଚାଳନା ଆବଶ୍ୟକ ପଡୁଛି । ଏହା ବ୍ୟତୀତ ସମୁଦ୍ରକୁ ବହି ଯାଉଥିବା ଜଳକୁ ଉପକୂଳ କେନାଲ ଖୋଳାଯାଇ ସଂଯୋଗୀକରଣ କରାଗଲେ ଚାଷ ଜମି ସୁଫଳା ହେବ ବୋଲି ସେମାନେ ମତ ଦେଇଛନ୍ତି । ଏସମ୍ପର୍କରେ ଜଳସେଚନ ନିର୍ବାହୀ ଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସେଠୀ କହିଛନ୍ତି, ଜିଲାର କେନାଲ ଜଳସେଚନକୁ ଗୁରୁତ୍ୱ ଦିଆଯାଇଛି । ଖୁବ୍‌ଶୀଘ୍ର ଏହାର ସୁଫଳ ଜିଲାବାସୀଙ୍କୁ ମିଳିବ ।


ବେଣାଘାସରେ ଭର୍ତ୍ତି ହୋଇଥିବା ଚାଷଜମି ।

### ଜୁନିୟର ରେଡକ୍ରସ୍ ତରଫରୁ ରକ୍ତଦାନ ଶିବିର

**ଆଳି,୪।୩(ଡି.ଏନ୍.ଏ.):** ଆଳି ବ୍ଲକ ଚଣ୍ଡିଆଗଡି ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ଜୁନିୟର ରେଡକ୍ରସ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରାତଃରେ ଜୁନିୟର ରେଡ଼କ୍ରସ ଶିବିରରେ ଅଂଶଗ୍ରହଣ କରିଥିବା ଜିଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ଓ ପରାମର୍ଶଦାତା ନିକଟସ୍ଥ ଗ୍ରାମ ଓ ବଜାର ବୁଲି ଲୋକମାନଙ୍କୁ ରକ୍ତଦାନ ସମ୍ପର୍କରେ ସଚେତନ କରାଇଥିଲେ । ଜିଲା ଜୁନିୟର ରେଡକ୍ରସ ଅଧିକାରୀ ନିରଞ୍ଜନ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୩୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ଜରୁରୀକାଳୀନ ଅଧିକାରୀ ଡ. ଅନନ୍ୟା ତ୍ରିପାଠୀ, ଖବରଦାତା ପ୍ରମୋଦ ମଲ୍ଲିକ,ଜିଲା ଜୁନିୟର ରେଡକ୍ରସ ସମ୍ପାଦିକା ସ୍ମିତା ପ୍ରତିଭା ସାହୁ,ଜୁନିୟର ରେଡକ୍ରସ ଶିବିର ସଙ୍ଗଠନ ସମ୍ପାଦକ ପ୍ରିୟରଞ୍ଜନ ଦାଶ,ସରପଞ୍ଚ ସନାତନ ସାହୁ,ସମିତି ସଭ୍ୟ ରାମଚନ୍ଦ୍ର ଦାସ , ନୋଡାଲ ପ୍ରଧାନ ଶିକ୍ଷକ ବିରଞ୍ଚି ମହାପାତ୍ର, ପ୍ରାକ୍ତନ ଜିଲା ପରିଷଦ ସଦସ୍ୟ ସୁଶାନ୍ତ ରାଉତ ତଥା ଜୁନିୟର ରେଡକ୍ରସର ପରାମର୍ଶଦାତାମାନେ କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।

### ୧୦ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ରାଜନଗର,୪।୩(ଡି.ଏନ.ଏ.):** ଓଡ଼ିଆ ବନ୍ଧପାଟଣା ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଦଶମଶ୍ରେଣୀ ଛାତ୍ରୀଛାତ୍ରଙ୍କ ସମେତ ସ୍କୁଲର କର୍ମଚାରୀ ବିପ୍ର ଚରଣ ବଳଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉତ୍ସବରେ ପ୍ରଧାନଶିକ୍ଷକ ନଳିନୀ ରଞ୍ଜନ ରାଉତରାୟ ସଭାପତିତ୍ୱ କରିଥିଲେ । ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଅନିଲ କୁମାର ବଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦେଇ ଦୁର୍ନୀତିମୁକ୍ତ ସମାଜ ଗଠନ କରିବାକୁ ହେଲେ ,ତୁମକୁ କଠିନ ପରିଶ୍ରମ କରି ଭଲ ପାଠ ପଢିବାକୁ ହେବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଶିକ୍ଷାବିତ୍ ଗୌରାଙ୍ଗ ଚରଣ ସାହୁ ମୁଖ୍ୟବକ୍ତା, ଜଗନ୍ନାଥପୁର ଶାସନ ନୋଡ଼ାଲ ଶିକ୍ଷା ନିକେତନ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ର ବେହେରା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ନାରାୟଣ ଦାସ ,ପଣ୍ଡିତ କଳ୍ପତରୁ ଦାଶ ,ପ୍ରସନ୍ନ କୁମାର ଦାସ ,ଅକ୍ଷୟ କୁମାର ନାୟକ ,ଭାଗବତ ପ୍ରଧାନ , ଶତ୍ରୁଘ୍ନ ବଳ ,ସାମାଜିକ କର୍ମୀ ବାସୁଦେବ ବିଶ୍ୱାଳ , ଶିକ୍ଷାବିତ୍ ଅନାଦି ଚରଣ ବଳ ,ପରିଚାଳନା କମିଟି ସଭାପତି ଧୀରେନ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ । ଏହି ଅବସରରେ ପ୍ରାକ୍ତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରଞ୍ଚି ପ୍ରସାଦ ଜେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବାର୍ଷିକ ସାଂସ୍କୃତିକ ଓ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ସୁବାସ ଚନ୍ଦ୍ର ସାମଲ ,ନିରାକାର ସେଠୀ, ସବିତା ମିଶ୍ର ,ମନସ୍ୱିନୀ ରଥ ,ଶ୍ରଦ୍ଧାଞ୍ଜଳି ଦାଶ ,ସତ୍ୟନାରାୟଣ ମହାନ୍ତି ,ଉର୍ମିଳା ପରିଡା ,ପଦ୍ମଲୋଚନ ସ୍ୱାଇଁ ,ଅଭିଲିପ୍ସା ଦାଶ , ତାରିଣୀ ପ୍ରିୟଦର୍ଶନୀ ,ରାଜେଶ ପ୍ରଧାନ ଓ ପ୍ରଳୟ କୁମାର ମଲ୍ଲିକ ପରିଚାଳନା କରିଥିଲେ ।

## ଗୁରୁମନ୍ତ୍ର ଦେଲେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ



ବୈଠକରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ସମେତ ଜିଲା ଭାଜପା କର୍ମକର୍ତ୍ତା ଉପସ୍ଥିତ ଅଛନ୍ତି ।

**କେନ୍ଦ୍ରାପଡ଼ା ଅଫିସ,୪।୩**

କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ଦୁଇଦିନିଆ କେନ୍ଦ୍ରାପଡ଼ା ଜିଲା ଗସ୍ତ ଶନିବାର ଶେଷ ହୋଇଛି । ସନ୍ଧ୍ୟାରେ ସେ ଜିଲାରୁ ଭୁବନେଶ୍ୱରକୁ ଫେରିଛନ୍ତି । ଏହି ଅବସରରେ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ବୁଲି ସ୍ଥାନୀୟ ସମସ୍ୟା ସମ୍ପର୍କରେ ଆଲୋଚନା ସହିତ ଜିଲା ଭାଜପା କର୍ମକର୍ତ୍ତାଙ୍କୁ ସଙ୍ଗଠନର ଗୁରୁମନ୍ତ୍ର ଦେଇଛନ୍ତି । ଏସମ୍ପର୍କରେ ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା କହିଛନ୍ତି, ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବୁଥସ୍ତରରେ କର୍ମୀଙ୍କୁ ସଜାଗ ରହିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ଏବେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି । ଏଥିସହିତ କେନ୍ଦ୍ର ସରକାରଙ୍କ ବହୁ ଉନ୍ନୟନ ଯୋଜନାକୁ ରାଜ୍ୟ ସରକାର ହଡପ କରୁଛନ୍ତି । ଏଥିରେ ଆସୁଥିବା ଅନୁଦାନକୁ ଦୁରୁପଯୋଗ କରାଯାଉଛି । ଓଡିଶାରେ ଖଣି, ପାଣି, ରେଳ,କଳରେ ଭରପୁର ଥିବା ବେଳେ ଶାସକ ବିଜେଡି ସରକାରଙ୍କ ପରିଚାଳନା ବିଚ୍ୟୁତିରୁ ଯୋଜନାର ଉପକାରିତା ସାଧାରଣ ଲୋକଙ୍କୁ ମିଳୁନାହିଁ । ମୌଳିକ ସମସ୍ୟାକୁ ସମ୍ମୁଖୀନ ହେଉଥିବା କେନ୍ଦ୍ରାପଡ଼ାବାସୀଙ୍କ କେନ୍ଦ୍ର ସରକାରଙ୍କ ସଫଳ ଯୋଜନା ସମ୍ପର୍କରେ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବାକୁ କେନ୍ଦ୍ରମନ୍ତ୍ରୀ ରାୟ ଆହ୍ୱାନ ଦେଇଥିବା ଜିଲା ସଭାପତି ପଣ୍ଡା ପ୍ରକାଶ କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ରାୟଙ୍କ ସହିତ ଜିଲା ଭାଜପାର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ ।

### ସାତଭାୟାରେ ବିଜୁବାବୁଙ୍କ ବୃହତ୍ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବି

**କେନ୍ଦ୍ରାପଡ଼ା ଅଫିସ,୪।୩**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ସାତଭାୟାରେ ବିଜୁ ପଟ୍ଟନାୟକଙ୍କ ଏକ ବୃହତ୍ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବା ପାଇଁ ଦାବି ହୋଇଛି । ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ସାମୁଦ୍ରିକ ତଟକ୍ଷୟ ପ୍ରତି ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆସିବା ସହିତ ପ୍ରତିମୂର୍ତ୍ତି ପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା ଭିତରକନିକାରେ ବୃଦ୍ଧି ପାଇବ । ଏପରି ଦାବି କରି ପଟ୍ଟାମୁଣ୍ଡାଇ ବ୍ଲକ ଦେଉଳିସ୍ଥିତ ଉତ୍କଳମଣୀ ଯୁବକ ସଂଘ ପକ୍ଷରୁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି । ଏଥିସହିତ ଶୁକ୍ରବାର ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ଯୁବକସଂଘ ସଭାପତି ଗୌତମ ବେହେରା କହିଛନ୍ତି, ଭିତରକନିକା ଜାତୀୟ ଉଦ୍ୟାନର ମାନ୍ୟତା ପାଇଛି । ତେବେ ଏହା ପ୍ରଚାରପ୍ରସାରରେ ସୀମିତ ଅଛି । ପରିବେଶ ପର୍ଯ୍ୟଟନ ଓ ସାମୁଦ୍ରିକ, ବନ୍ୟଜନ୍ତୁ ପାଇଁ ଏହି ଅଞ୍ଚଳ ବିଶ୍ୱରେ ଦୃଷ୍ଟି ଆକର୍ଷଣ କରିଛି । ତେବେ ଏହି ଜାତୀୟ ଉଦ୍ୟାନ ଏବେ ସମୁଦ୍ର ତଟକ୍ଷୟର ସାମ୍ନା କରୁଛି । ଜିଲାର ୪୮ କିଲୋମିଟର ସମୁଦ୍ର ତଟାଞ୍ଚଳ ମଧ୍ୟରୁ ୨୮ କିଲୋମିଟର ଅଞ୍ଚଳରେ ତଟକ୍ଷୟ ହେଉଛି । ଏହାର ନିରାକରଣ ପାଇଁ ରାଜ୍ୟ ଅଥବା କେନ୍ଦ୍ର ସରକାର ତତ୍ପର ହେଉନାହାନ୍ତି । ଅପରପକ୍ଷେ ବିଜୁବାବୁ ରାଜନଗରରୁ ନିର୍ବାଚିତ ହୋଇ ରାଜ୍ୟରେ ଚହଳ ସୃଷ୍ଟି କରିଥିଲେ । ତାଙ୍କର କର୍ମସ୍ଥଳୀକୁ ସୁରକ୍ଷିତ କରିବା ଓ ଜାତୀୟ ପର୍ଯ୍ୟଟନ କ୍ଷେତ୍ରରେ ସୁନାମ ପାଇଁ ସାତଭାୟାରେ ବୃହତ୍ ପ୍ରତିମୂର୍ତ୍ତି ପ୍ରତିଷ୍ଠାର ଆବଶ୍ୟକତା ରହିଛି । ଫଳରେ ପର୍ଯ୍ୟଟନ ଶିଳ୍ପ ପାଇଁ ଜିଲାର ଆର୍ଥିକ ପ୍ରଗତୀ ସହ ସମୁଦ୍ର ତଟ କ୍ଷୟ ରୋକିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ତତ୍ପର ହେବେ ।

### ଯାଦବ ମହାସଭାରେ ଯୋଗଦେବେ କେନ୍ଦ୍ରମନ୍ତ୍ରୀ

**କେନ୍ଦ୍ରାପଡ଼ା ଅଫିସ, ୪।୩**

ଆସନ୍ତା ୨୬ରେ ଇଚ୍ଛାପୁରସ୍ଥ ରଥଦାଣ୍ଡ ପରିସରରେ କେନ୍ଦ୍ରାପଡା ଜିଲା ଯାଦବ ମହାସଭା ପକ୍ଷରୁ ରାଜ୍ୟସ୍ତରୀୟ ମହାସଭା ହେବ । ଏଥିରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ସମ୍ମାନୀତ ଅତିଥି ଭାବେ ଯୋଗ ଦେବେ ବୋଲି ଜିଲା ସଭାପତି ପ୍ରଭାକର ପଲାଇ ଶନିବାର ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ସଭାପତି ପଲାଇ କହିଛନ୍ତି, ରାଷ୍ଟ୍ରମନ୍ତ୍ରୀ ରାୟ ଏବେ ଦୁଇଦିନିଆ କେନ୍ଦ୍ରାପଡା ଜିଲା ଗସ୍ତରେ ଅଛନ୍ତି । ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟ ଗୃହରେ ପହଞ୍ଚି ମହାସଭାର ତଥ୍ୟ ନେଇଛନ୍ତି । ଏଥିସହିତ ଆଲୋଚନା ସମୟରେ ମହାସଭାରେ ଯୋଗ ଦେବେ ବୋଲି ସମ୍ମତି ପ୍ରକାଶ କରିଛନ୍ତି । ଏହି ଆଲୋଚନାରେ ମହାସଭା କର୍ମକର୍ତ୍ତା ଡ. ଚୌଧୁରୀ ରମାକାନ୍ତ ଦାସ, ଶିକ୍ଷାବିତ ରଞ୍ଜିତ ଦାସ, ଗୋଲଖ ଚନ୍ଦ୍ର ମହାଭୋଇ, ଲୋକନାଥ ଦାସ ପ୍ରମୁଖ ସାମିଲ ହୋଇଥିଲେ ।

### ରାଜନଗର ଦୋଳମେଳଣ ପ୍ରସ୍ତୁତି ବୈଠକ

**ରାଜନଗର,୪।୩(ଡି.ଏନ.ଏ.)**

**ବାଜିବନି ଡିଜେ, ଫୁଟିବନି ବାଣ**

ରାଜନଗରର ଅନ୍ୟତମ ଗଣପର୍ବ ଦୋଳ ମେଳଣ ପାଇଁ ଶନିବାର ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୋଳ ମେଳଣ କମିଟିର ସଭାପତି ତଥା ଆଇଆଇସି ଶ୍ରୀକାନ୍ତ କୁମାର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଚଳିତବର୍ଷ ଦୋଳ ମେଳଣକୁ ସମ୍ପୂର୍ଣ୍ଣ ଶୃଙ୍ଖଳିତ ଭାବେ ଓ ଭିନ୍ନ ଢଙ୍ଗରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଚଳିତବର୍ଷ ରାଜନଗର ବ୍ଲକ ପଡିଆରେ ଦୋଳ ମେଳଣ ଉତ୍ସବ ଅନୁଷ୍ଠିତ ହେବ । ଚଳିତବର୍ଷ ୩୪ ବିମାନ ଥାଟପାଟରେ ମେଳଣ ପଡିଆକୁ ଆସିବେ । ଚଳିତବର୍ଷ ସମ୍ପୂର୍ଣ୍ଣ ପାରମ୍ପରିକ ବାଦ୍ୟ ଓ ରୋଷଣୀରେ ଠାକୁରଙ୍କୁ ମେଳଣ ପଡିଆ ଯାଏଁ ପାଛୋଟି ଅଣାଯିବ । ଚଳିତବର୍ଷ ଡିଜେ ବ୍ୟବହାର ହେବନି ଏବଂ କେହି ବାଣ ଫୁଟାଇ ପାରିବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥିସହିତ ଚଳିତବର୍ଷ ଦୋଳମେଳଣରେ ଯେପରି ସବୁ ବର୍ଗର ଲୋକ ସାମିଲ ହେବେ, ସେଥିପାଇଁ ଦୋଳ ପୂର୍ଣ୍ଣିମା ସନ୍ଧ୍ୟାରେ ରାଜନଗର ଦେବୀ ମଣ୍ଡପ ଛକରେ ବସନ୍ତ ଉତ୍ସବ ଓ ଭଜନ ସମାରୋହ ଅନୁଷ୍ଠିତ ହେବ । ଏହି ଗଣପର୍ବରେ ଯେପରି ରାତିସାରା ସାମିଲ ହେବେ ସେଥିପାଇଁ କୌଣସି ପରିସ୍ଥିତିରେ ବିଶୃଙ୍ଖଳା କରୁଥିବା ଯୁବକଙ୍କ ପ୍ରତି ପୋଲିସ ପକ୍ଷରୁ ସତନ୍ତ୍ର ନଜର ରଖାଯିବ ବୋଲି ନିଷ୍ପତ୍ତି ହୋଇଛି । ଏହି ବୈଠକରେ ତହସିଲଦାର ଅଶ୍ୱିନୀ କୁମାର ଭୁୟାଁ, କମିଟିର ସମ୍ପାଦକ ପ୍ରଭାତ ଚନ୍ଦ୍ର ମିଶ୍ର, ଉପସଭାପତି ରମେଶ କୁମାର ଲାଲ, ସହ ସମ୍ପାଦକ ଚିତ୍ତରଞ୍ଜନ ଦାସ, କୋଷାଧ୍ୟକ୍ଷ ଅନିରୁଦ୍ଧ ପରିଡା, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ନାରାୟଣ ମାହାନ୍ତ, ରମଣୀରଞ୍ଜନ ମହାପାତ୍ର, ବାଇଧର ସେଠୀ, ବିଚିତ୍ର କୁମାର ମଲିକ, ନୃସିଂହ ଚରଣ ଲେଙ୍କା, ସୁରେନ୍ଦ୍ର ପ୍ରସାଦ ରାଉତ, ପ୍ରଶାନ୍ତ କୁମାର ରାଉତ, ସୋମନାଥ ବାରିକ, ସୂର୍ଯ୍ୟ ନାରାୟଣ ଲେଙ୍କା, ବିଜୟ କୁମାର ଗୁପ୍ତା, ପ୍ରେମାନନ୍ଦ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

## ସିପିଆଇ ପକ୍ଷରୁ ଜିଲାସ୍ତରୀୟ ବୈଠକ

**କେନ୍ଦ୍ରାପଡା ଅଫିସ,୪।୩**

କେନ୍ଦ୍ରାପଡ଼ା ସହର ଗରାପୁରଠାରେ ସିପିଆଇ ପକ୍ଷରୁ ଜିଲାସ୍ତରୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା କର୍ମକର୍ତ୍ତା ବାବାଜୀ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସମ୍ପାଦକ ଅଭୟ ସାହୁ, ପ୍ରଶାନ୍ତ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶାସନ ନୀତିକୁ ବିରୋଧ କରିଥିଲେ । ସେମାନେ କହିଥିଲେ, ଶାସକ ବିଜେଡି ଓ ଭାଜପା ସରକାର ତୃଣମୂଳ ସମସ୍ୟାକୁ ସର୍ବଦା ଅଣଦେଖା କରି ଆସୁଛନ୍ତି । ଗରିବଙ୍କୁ ସେମାନଙ୍କ ପରିଶ୍ରମର ମୂଲ୍ୟ ମିଳୁ ନ ଥିବା ବେଳେ ପୁଞ୍ଜିପତି ଅଧିକ ଲାଭବାନ ହେଉଛନ୍ତି । ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ ପରି ମୌଳିକ ଆବଶ୍ୟକତା ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ମିଳିନାହିଁ । ଏଥିପାଇଁ ଆସନ୍ତା ମାର୍ଚ୍ଚ ୨୩ ଶହୀଦ ଦିବସରେ ଭୁବନେଶ୍ୱରଠାରେ ପାର୍ଟି ପକ୍ଷରୁ ବିକଳ୍ପ ସମାବେଶ ହେବ । ଏଥିରେ କେନ୍ଦ୍ରାପଡା ଜିଲାବାସୀ ସାମିଲ ହେବାକୁ ସେମାନେ ଆହ୍ୱାନ ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ଅଜୟ କୁମାର ସାମଲ, ବିକାଶ ଚନ୍ଦ୍ର ବେଉରା ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ ।

## କାର୍ ପୋଡ଼ିକୁ ନେଇ ଜୁଆଣିଆ ପଞ୍ଚାୟତରେ ଉତ୍ତେଜନା

**ଆଳି,୪।୩(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଜୁଆଣିଆ ଗ୍ରାମରେ ୨ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଲାଗି ରହିଛି । କାର ପୋଡ଼ି ଓ ଜଣେ ଯୁବତୀଙ୍କୁ ଅସଦାଚରଣ ଭଳି ୨ ଅଭିଯୋଗକୁ ନେଇ ବିବାଦ ବଢ଼ିଛି । ୨ଗୋଷ୍ଠୀ ମଧରେ ଛକାପଞ୍ଝା ଚାଲିଛି । ଗୋଟିଏ ଗୋଷ୍ଠୀର ଯୁବକଙ୍କୁ ଅନ୍ୟ ଏକ ଗୋଷ୍ଠୀର ଯୁବକମାନେ ଆକ୍ରମଣ କରିଥିବା ଖବର ମିଳିଛି । ଉତ୍ତେଜନାକୁ ଆଖି ଆଗରେ ରଖି ପୋଲିସ ପେଟ୍ରୋଲିଂକୁ କଡ଼ାକଡି କରାଯାଇଛି । ଗୁରୁବାର ରାତିରେ ଜୁଆଣିଆ ଗ୍ରାମର ମହେଶ୍ୱର ପରିଡାଙ୍କ କାରକୁ ୫ ଜଣ ବ୍ୟକ୍ତି ଜାଳି ଦେଇଥିବା ଗୋବିନ୍ଦପୁର ଫାଣ୍ଡିରେ ଅଭିଯୋଗ ହୋଇଥିଲା । ମହେଶ୍ୱରଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମର ରାକେଶ ନାୟକ, ସୁନୀଲ ପରିଡା ଓ ପ୍ରଭାତ ପ୍ରଧାନଙ୍କ ସମେତ ୫ରୁ ୬ ଯୁବକ ଗୁରୁବାର ରାତି ପ୍ରାୟ ୧୨ ଟା ସମୟରେ କାରରେ ନିଆଁ ଲଗାଇ ଦେଇଥିଲେ । ମହେଶ୍ୱରଙ୍କ ସ୍ତ୍ରୀ ସେମାନଙ୍କୁ ଚିହ୍ନଟ କରି ଥାନାରେ ଅଭିଯୋଗ କରିଥିଲେ । ସେମାନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ସୁନୀଲ, ରାକେଶଙ୍କୁ ଫାଣ୍ଡିରେ ଅଟକ ରଖି ପଚରା ଉଚୁରା କରିଥିଲା । ରାକେଶଙ୍କ ଭଉଣୀ ଅଭିଯୋଗ କରିଛନ୍ତି ସେ ଭାଇଙ୍କ ସହିତ ସ୍କୁଟିରେ ସିଂହପୁର କଲେଜରୁ ଫେରୁଥିବା ବେଳେ ଗୋବିନ୍ଦପୁର ପିଛାଲ ନିକଟରେ ମହେଶ୍ୱରଙ୍କ ଦୁଇ ପୁଅ ସୁବ୍ରତ ଓ ସୁରଜ ତାଙ୍କ ଗାଡି ଅଟକାଇ ଭାଇଙ୍କୁ ମାଡ଼ ମାରିଥିଲେ । ସେ ପ୍ରତିବାଦ କରିବାରୁ ତାଙ୍କୁ ଅସଦାଚରଣ କରିଥିଲେ । ରଶ୍ମିତା ପୋଲିସକୁ ଜଣାଇବା ସେମାନଙ୍କୁ ଥାନାକୁ ନିଆଯାଇଥିଲା । ଯୁବତୀ ପରିବାର ସହିତ ଥାନାକୁ ଆସି ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ତାଙ୍କ ଭାଇଙ୍କୁ କାହିଁକି ଗିରଫ କରିଛ ବୋଲି ପ୍ରଶ୍ନ କରିବା ସହିତ ଥାନା ଘେରାଉ କରିଥିଲେ । ପୋଲିସ ସେମାନଙ୍କୁ ବୁଝାଶୁଝା କରି ଧାରଣାରୁ ଉଠାଇଥିଲା । ଘଟଣା ପରେ ପୋଲିସ ଥାନାରେ ଅଟକ ଦୁଇ ଯୁବକଙ୍କୁ ପଚରା ଉଚୁରା କରି ଛାଡି ଦେଇଥିଲା । ଏ କଥା ଜଣାପଡିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ମହେଶ୍ୱରଙ୍କ ସ୍ତ୍ରୀ ପୋଲିସ ତାଙ୍କ ଗାଡି ପୋଡିବା ଘଟଣାରେ ଅଭିଯୁକ୍ତଙ୍କୁ ଛାଡି ଅନ୍ୟର ପ୍ରରୋଚନାରେ ତାଙ୍କ ପୁଅ ନାମରେ ମିଥ୍ୟା ମାମଲା କରି ତାଙ୍କୁ ଫସାଇ ବାକୁ ଉଦ୍ୟମ କରୁଥିବା ଅଭିଯୋଗ କରିଥିଲେ । ସେ ନ୍ୟାୟ ଦାବିରେ ଫାଣ୍ଡି ସମ୍ମୁଖରେ ଧାରଣାରେ ବସିଥିଲେ । ଥାନା ଅଧିକାରୀ ଦିଲ୍ଲୀପ ସାହୁ ଦୁଇଟି ଘଟଣାର ଅନୁଧ୍ୟାନ କରି ତଦନ୍ତ କରୁଥିବା କହିଛନ୍ତି । ଦୁଇଦିନ ହେବ ଏହି ଦୁଇଟି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି ।

## ରାସ୍ତାକଡରେ ମୁକୁଳା ପଡ଼ିଛି ଟ୍ରାନ୍ସଫରମର

**ପଟ୍ଟାମୁଣ୍ଡାଇ,୪।୩(ସ୍ୱ.ପ୍ର.)**

- ବିଦ୍ୟୁତ୍ ବିଭାଗର ନିଘା ନାହିଁ
- କାହା ଜୀବନ ଯିବ କହି ହେବ ନାହିଁ

ପଟ୍ଟାମୁଣ୍ଡାଇ ପୌରପରିଷଦ କାର୍ଯ୍ୟାଳୟ ନିକଟ ମଙ୍ଗଳା ମଣ୍ଡପ ପାଖ ବଜାରରେ ରହିଛି ୫୦୦ କେଭି ବିଶିଷ୍ଟ ବିଦ୍ୟୁତ୍ ଟ୍ରାନ୍ସଫର୍ମର । ଏହି ଟ୍ରାନ୍ସସଫର୍ମରରୁ ବଜାର ସମେତ ଆଖପାଖ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି । ଟ୍ରାନ୍ସଫର୍ମରଟି ବଜାରରେ ଥିବା ମଣ୍ଡପ ଘର ଆରଡି ରାସ୍ତା ପାଖରେ ରହିଛି । ମାତ୍ର ଏହି ଉଚ୍ଚ ଶକ୍ତି ସମ୍ପନ୍ନ ଟ୍ରାନ୍ସଫର୍ମର ଏବେ ମୁକୁଳା ପଡ଼ିଛି । ଟ୍ରାନ୍ସଫର୍ମରଠାରୁ ଟାଟା ପାୱାର କାର୍ଯ୍ୟାଳୟ ୨ ଶହ ମିଟର ଦୂରରେ ରହିଛି । ହେଲେ ଏଥିପ୍ରତି ବିଭାଗର ନିଘାନାହିଁ ବୋଲି ଅଭିଯୋଗ ହୋଇଛି ।

ନିୟମାନୁଯାୟୀ ଟ୍ରାନ୍ସଫର୍ମରଗୁଡିକ ଜନବସତିଠାରୁ ଦୂରରେ ବସାଇବା ସହିତ ଏହାର ଚତୁଃପାର୍ଶ୍ୱ ଆବଦ୍ଧ କରାଯିବା ଦରକାର । ଫଳରେ ବାହାରର କୌଣସି ଜୀବଜନ୍ତୁ ସେହି ପରିସରକୁ ପ୍ରବେଶ କରିପାରିବେ ନାହିଁ । କିନ୍ତୁ ଏହି ଟ୍ରାନ୍ସଫର୍ମର ବଜାର ପାଖ ରାସ୍ତାପାର୍ଶ୍ୱରୁ ମାତ୍ର ୪ରୁ ୫ଫୁଟ ଉଚ୍ଚରେ ରହିଥିବାବେଳେ କୌଣସି ବାଡ ଘେରାଯାଇନାହିଁ । ଏହାମଧ୍ୟକୁ ଅନାୟସରେ ଗୃହପାଳିତ ପଶୁ, ବୁଲାକୁକୁର ଅବାଧରେ ପ୍ରବେଶ କରୁଛନ୍ତି । ଏପରି କି ଟ୍ରାନ୍ସଫରମର ସଂସ୍ପର୍ଶରେ ଆସି ଅନେକ ପ୍ରାଣୀଙ୍କ ମୃତ୍ୟୁ ଘଟିଛି । କିନ୍ତୁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । କେବଳ ପଟ୍ଟାମୁଣ୍ଡାଇ ପୌରପରିଷଦ ନିକଟ ବଜାରରେ ଥିବା ଏହି ଟ୍ରାନ୍ସଫରମର ନୁହେଁ ପୌରାଞ୍ଚଳର ୨୦ଟି ୱାର୍ଡରେ ଅଧିକାଂଶ ଟ୍ରାନ୍ସଫରମର ଖୋଲା ପଡିଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷେ ଗ୍ରାମାଞ୍ଚଳ କଥା ନ କହିବା ଭଲ । ଅଧିକାଂଶ ଗ୍ରାମରେ ଟ୍ରାନ୍ସଫରମରଗୁଡିକ ମୁକୁଳା ପଡିଛି । ସେପରି ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି କେତେବେଳେ ଯେ କାହାର ଜୀବନ ଯିବ ତାହା କହି ହେବ ନାହିଁ । ବିଦ୍ୟୁତ୍ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ଟ୍ରାନ୍ସଫର୍ମରଗୁଡିକର ରକ୍ଷାଣାବେକ୍ଷଣ ଠିକ୍‌ରେ ହେଉନାହିଁ । କେଉଁଠି ଟ୍ରାନ୍ସଫର୍ମରରେ ଗଛ ମାଡ଼ିଗଲାଣି ତ ଆଉ କେଉଁଠି କେଉଁଠି ଘେରା ଯାଇଥିବା କଣ୍ଟା ତାରରେ କଳଙ୍କି ଲାଗି ଭାଙ୍ଗି ଗଲାଣି । ତେଣୁ କମ ଉଚ୍ଚରେ ଥିବା ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ତୁରନ୍ତ ପାଚେରୀ ନିର୍ମାଣ କରିବା ସହିତ ରକ୍ଷାଣବେକ୍ଷଣ କରିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି । ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ସ୍ମୃତିରଞ୍ଜନ ରଥଙ୍କୁ ପଚାରିବାରେ ସେ କହିଥିଲେ, ପାଚେରି ନିର୍ମାଣ ହୋଇଥିଲା । ପଟ୍ଟାମୁଣ୍ଡାଇ-ତାଡନା ଭାୟା ଆମ୍ଭେର ନୂଆ ରାସ୍ତା ନିର୍ମାଣବେଳେ ତାହାକୁ ଗ୍ରାମଉନ୍ନୟନ ବିଭାଗ ଭାଙ୍ଗି ଦେଇଥିଲା । ପରେ ସେମାନେ କରିଦେବେ ବୋଲି କହିଥିଲେ । ହେଲେ କରିଲେ ନାହିଁ । ଏବେ ଆମେ ଆଲୋଚନା କରି ଏଦିଗରେ ପଦକ୍ଷେପ ନେବୁ ।



## ସଂକ୍ଷେପରେ

### ୩ ବାଇକ୍ ଧକ୍କା, ୫ ଆହତ

**ଖଣ୍ଡପଡ଼ା,୪।୩(ସ୍ୱ.ପ୍ର.):** ଶନିବାର ସନ୍ଧ୍ୟାରେ ୪୮ ନଂ ରାଜ୍ୟ ରାଜପଥ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ୩ଟି ବାଇକ୍ ଦୁର୍ଘଟଣାର ସମ୍ମୁଖୀନ ହୋଇ ୫ଜଣ ଆହାତ ହୋଇଛନ୍ତି। ବାଣପୁର ଅଂଚଳର ଅଭିମନ୍ୟୁ ବେହେରା କୌଣସି କାମରେ ସମ୍ପର୍କୀୟ ଭଉଣୀ ଲକ୍ଷ୍ମୀପ୍ରିୟା ଗଣ୍ଡିଆ(୧୮)ଙ୍କୁ ସ୍କୁଟିରେ ବସାଇ ଥିଲେ। ବିପରିତ ଦିଗରୁ ଅନ୍ୟ ଏକ ବାଇକ୍‌ରେ ୨ଜଣ ଆସୁଥିବା ବେଳେ ସ୍କୁଟି ସହ ଧକ୍କା ହୋଇଥିଲା। ଉଭୟେ ରାସ୍ତା ଉପରକୁ ଛିଟିକି ପଡିଥିଲେ। ଏହି ସମୟରେ କିଶୋର ପ୍ରସାଦ ଅଞ୍ଚଳରୁ ଅନ୍ୟ ଏକ ବାଇକ ଯାଉଥିବା ବେଳେ ଅସାବଧାନତା ଯୋଗୁ ଦୁର୍ଘଟଣା ଘଟାଇଥିବା ବାଇକ ସହ ଧକ୍କା ହୋଇଥିଲେ। ଏଥିରେ ଅଭିମନ୍ୟୁ, ରାଜୁ ରାଉତ ଓ ଲକ୍ଷ୍ମୀପ୍ରିୟାଙ୍କ ସମେତ ୫ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ଦୀପ ନିଆଁରେ ମହିଳା ଗୁରୁତର

**ଖଣ୍ଡପଡ଼ା,୪।୩(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଅଧିନ କଂଟିଲୋ ପଂଚାୟତ ମାଧବ ଚୌଧୁରୀପାଟଣା ରାମଚଣ୍ଡୀ ସାହିର ଜିତେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ରଶ୍ମୀତା ବେହେରା(୩୦) ଶନିବାର ସନ୍ଧ୍ୟାରେ ଠାକୁରଙ୍କୁ ଦୀପ ଦେଇ ଫେରୁଥିବା ବେଳେ ନିଜ ଶାଢୀରେ ନିଆଁ ଲାଗି ଗୁରୁତର ହୋଇଛନ୍ତି। କଣ୍ଟିଲୋରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଦାବି ଅନେକ, ଶୁଣୁ ନାହାନ୍ତି ସରକାର

**ନୟାଗଡ଼ ଅଫିସ,୪।୩:** ନୟାଗଡ଼ ଜିଲାରେ ମେଡିକାଲ କଲେଜ, ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା, ଗୋଡିପଡାକୁ ବ୍ଲକ, ଶରଣକୁଳ, କଣ୍ଟିଲୋ ଓ ରାଜସୁନାଖଲକୁ ଏନଏସି ମାନ୍ୟତା, ଦଶପଲ୍ଲା ଓ ରଣପୁରକୁ ଉପଖଣ୍ଡ ମାନ୍ୟତା ପ୍ରଦାନ ପାଇଁ ବହୁ ଦିନ ହେଲା ଦାବି ହୋଇ ଆସୁଛି। ହେଲେ ଦାବି ପୂରଣ କରିବାକୁ ସରକାର ପଛ ଘୁଞ୍ଚା ଦେଉଛନ୍ତି ବୋଲି ଅଭିଯୋଗ ଉଠିଛି। ଏସବୁ ଦାବି ପଛରେ ଜିଲାବାସୀଙ୍କ ସମର୍ଥନ ଓ ଆନୁସଙ୍ଗିକ ଭିତ୍ତିଭୂମି ରହିଥିଲେହେଁ ଅଣଦେଖା କରାଯାଉଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି।

### ବ୍ରହ୍ମପୁର ବନଖଣ୍ଡ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ବ୍ରହ୍ମପୁର ଅଫିସ,୪।୩:** ବ୍ରହ୍ମପୁର ବନଖଣ୍ଡର ନୂତନ ଅଧିକାରୀ ଭାବେ ୨୦୨୨ ବ୍ୟାଚର ଭାରତୀୟ ବନ ସେବା ଅଧିକାରୀ ସନି ଖୋଖର ଶୁକ୍ରବାର ଅମ୍ଳାନ ନାୟକଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ସେ ଅନୁଗୁଳରେ ଅତିରିକ୍ତ ବନ ସଂରକ୍ଷକ ଭାବେ କାର୍ଯ୍ୟରତ ଥିଲେ। ପୂର୍ବରୁ ଦାୟିତ୍ୱରେ ରହିଥିବା ଅମ୍ଳାନ ନାୟକ ଚିଲିକା ବନଖଣ୍ଡ ଅଧିକାରୀ ଭାବେ ବଦଳି ହୋଇଛନ୍ତି। ଏଥିସହ ସେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରୂପେ ଦାୟିତ୍ୱ ତୁଲାଇବେ ବୋଲି ସୂଚନା ମିଳିଛି। ନୂତନ ବନଖଣ୍ଡ ଅଧିକାରୀ କହିଛନ୍ତି ଯେ, ବିରଳ ଅଲିଭ ରିଡଲେ କଇଁଚଙ୍କ ବିରଳ ଗଣ ଅଣ୍ଡାଦାନ ଜାରି ରହିଛି। ଏହି ଅଣ୍ଡାରୁ ନୂତନ ଶାବକ ଜନ୍ମ ଗ୍ରହଣ କରି ସମୁଦ୍ର ଗର୍ଭକୁ ଯିବା ପର୍ଯ୍ୟନ୍ତ ତାହାର ସୁରକ୍ଷା ସୁଚାରୁ ରୂପେ ଗ୍ରହଣ କରାଯିବ। ଏଥିସହ ବନ୍ୟପ୍ରାଣୀ ସୁରକ୍ଷା ଓ ବନଖଣ୍ଡ ଅଧୀନରେ ବନୀକରଣକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

### ନୂଆଗଡ଼ରେ ନୂତନ ବିଡିଓ

**ନୂଆଗଡ଼,୪।୩:** ଗଜପତି ଜିଲା ନୂଆଗଡ଼ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର ଯୋଗଦାନ କରିଛନ୍ତି। ସେ ବରଗଡ଼ ଜିଲା ଝାରବନ୍ଧ ବ୍ଲକରେ କାର୍ଯ୍ୟ କରୁଥିଲେ। ନୂଆଗଡ଼ ବ୍ଲକରେ ବିଡିଓ ଭାବେ ଲାବନ୍ୟେନ୍ଦୁ ମହାନ୍ତି କାର୍ଯ୍ୟରତ ଥିଲେ। ଲାବନ୍ୟେନ୍ଦୁ ପୁରୀ ଜିଲା ଡେଲାଙ୍ଗ ବଦଳି ପରେ କିଛି ଦିନ ଗୁମ୍ମା ବ୍ଲକ ଅନୁପ ଅଭିଷେକ ବେହେରା ଏଠାରେ ଦାୟିତ୍ୱ ତୁଲାଇଥିଲେ।

### ତ୍ରିନାଥ ସ୍ୱାମୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବୁଗୁଡ଼ା,୪।୩(ଡି.ଏନ୍.ଏ.):** ବୁଗୁଡ଼ା ବ୍ଲକ ଗୌଡ଼ିଆବୋରଦା ପଞ୍ଚାୟତ ଅନ୍ତର୍ଗତ କାନସୁକା ଗ୍ରାମରେ ଶ୍ରୀତ୍ରିନାଥ ସ୍ୱାମୀଙ୍କ ନୂତନ ବିଗ୍ରହ ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ କର୍ତ୍ତା ଭାବେ ପ୍ରଫୁଲ୍ଲ କୁମାର ପ୍ରଧାନ, ପ୍ରଚାରକ ଭାବେ ଜଗନ୍ନାଥ ଶତପଥି, ଆଚାର୍ଯ୍ୟ ଭାବେ ଜବାହରଲାଲ ଖାଡ଼ଙ୍ଗା, ବ୍ରହ୍ମା ଭାବେ ଚିରଞ୍ଜିବୀ ଷଡଙ୍ଗି, ନ୍ୟାସକାରକ ଭାବେ ହିମାଂଶୁ ଶେଖର ରଥ ଏବଂ ପୁରୋହିତ ଭାବେ ଅନିଲ କୁମାର ଷଡଙ୍ଗୀଙ୍କ ସମେତ ଅନ୍ୟ ୧୦ଜଣ ପୁରୋହିତ ଯୋଗଦେଇ ପୂଜାପାଠ କାର୍ଯ୍ୟ ସମ୍ପାଦନ କରିଥିଲେ। ମନ୍ଦିର ପ୍ରତିଷ୍ଠା ଅନ୍ତେ ନାମଯଜ୍ଞ ପୂର୍ଣ୍ଣାହୁତି, ଦଧିଭାଣ୍ଡ ଭଞ୍ଜନ, ନଗର ଭ୍ରମଣ ଓ ଯମୁନା ସ୍ନାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅଭିଯୋଗକାରୀ ସ୍ୱାମୀ ମୁଖ୍ୟ ଅଭିଯୁକ୍ତ

**ସୁପ୍ରଭା ହତ୍ୟା ମାମଲା**

- ପୁଅକୁ ଆତ୍ମହତ୍ୟା କରିବାକୁ ପ୍ରବର୍ତ୍ତାଇଥିଲେ
- ରାଧେଶ୍ୟାମଙ୍କୁ ରିମାଣ୍ଡରେ ଅଣାଯିବ :ଏସ୍‌ଡିପିଓ

**ଛତ୍ରପୁର,୪।୩(ଡି.ଏନ.ଏ)**

ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ବିପୁଲିଙ୍ଗି ଗ୍ରାମର ରାଧେଶ୍ୟାମ ଚୌଧୁରୀଙ୍କ ସ୍ତ୍ରୀ ସୁପ୍ରଭାଙ୍କୁ ଫେବୃୟାରୀ ୧୬ ତାରିଖ ରାତିରେ ନିଜ ଘରେ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏ ନେଇ ରାଧେଶ୍ୟାମ ସ୍ତ୍ରୀଙ୍କୁ ହତ୍ୟା କରାଯାଇଥିବା ଏବଂ ଘରୁ ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ସ୍ୱାମୀ ରାଧେଶ୍ୟାମ ହିଁ ମୁଖ୍ୟ ଅଭିଯୁକ୍ତ ବୋଲି ଜାଣିବାକୁ ପାଇଛି। ତାଙ୍କୁ ଶନିବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଛତ୍ରପୁର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଗୌତମ କିଷାନ ସୂଚନା ଦେଇଛନ୍ତି। ପାରିବାରିକ ଘଟଣାକୁ କେନ୍ଦ୍ରକରି ରାଧେଶ୍ୟାମ ସ୍ତ୍ରୀ ସୁପ୍ରଭାଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରିଛନ୍ତି। ଏନେଇ ତଥ୍ୟ ପ୍ରମାଣ ମିଳିଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୬ ତାରିଖ ରାତିରେ ସୁପ୍ରଭାଙ୍କୁ ହତ୍ୟା କରାଯାଇଥିଲା। ଏ ନେଇ ସ୍ୱାମୀ ରାଧେଶ୍ୟାମ ଥାନାରେ ଏତଲା ଦେଇଥିଲେ। ବ୍ରହ୍ମପୁର ଓ ଛତ୍ରପୁରର ସାଇଣ୍ଟିଫିକ୍ ଟିମ୍ ନେଇ ଏହି ମାମଲାର ତଦନ୍ତକାରୀ ଅଫିସର ତଥା ଛତ୍ରପୁର ଥାନା ଆଇଆଇସି ସତ୍ୟରଞ୍ଜନ ପ୍ରଧାନ ତଦନ୍ତ କରିଥିଲେ। ଫିଙ୍ଗର ପ୍ରିଣ୍ଟ ନମୁନା ସଂଗ୍ରହ କରାଯାଇଥିଲା। ଏହି ସବୁର ଯାଞ୍ଚ ପାଇଁ ଫରେନସିକ୍ ଲ୍ୟାବକୁ ପଠାଯିବ ବୋଲି ସୂଚନା ଦିଆଯାଇଛି। ଏବେ ବି ତଦନ୍ତ ଜାରି ରହିଥିବା କୁହାଯାଇଛି। ତେବେ ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା କରି ପୋଲିସ ପକ୍ଷରୁ ସମ୍ପୂର୍ଣ୍ଣ ତଥ୍ୟ ଦିଆଯାଇନି। ଅପରପକ୍ଷରେ ମା' ସୁପ୍ରଭାଙ୍କ ମୃତ୍ୟୁର ୧୩ ଦିନ ପରେ ତାଙ୍କ ସାନ ପୁଅ ଦେବାଶିଷ କୀଟନାଶକ ପିଇ ଗତ ୨୮ ତାରିଖରେ ଆତ୍ମହତ୍ୟା କରିଥିଲେ। ମା'ଙ୍କୁ ବାପା ରାଧେଶ୍ୟାମ ହତ୍ୟା କରିଥିବା ଦେବାଶିଷ ଜାଣିପାରିଥିଲେ। ଏ ନେଇ ବାପାଙ୍କୁ ପଚାରିବାରୁ ବାପାଙ୍କ ସହ ବଚସା ହୋଇଥିଲା। ତେଣୁ ଦେବାଶିଷଙ୍କୁ ଆତ୍ମହତ୍ୟା କରିବାକୁ ବାପା ରାଧେଶ୍ୟାମ ପ୍ରବର୍ତ୍ତାଇଥିବା ନେଇ ଗତ ୩ ତାରିଖରେ ରାଧେଶ୍ୟାମଙ୍କ ମଝିଆ ପୁଅ ଆଶିଷ ଚୌଧୁରୀ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ଏକ ମାମଲା ନଂ ୧୭୫/୨୩ ରୁଜୁ କରିଛି। ଏହାର ତଦନ୍ତ ଚାଲିଛି ଏବଂ ଆବଶ୍ୟକ ହେଲେ ରାଧେଶ୍ୟାମଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସଡିପିଓ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଛତ୍ରପୁର ଥାନା ଆଇଆଇସି ସତ୍ୟରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ।



ଅଭିଯୁକ୍ତ ରାଧେଶ୍ୟାମ।

# ଶ୍ରୀନୀଳମାଧବ ପୀଠରେ ଫଗୁ ଦଶମୀ

**ଖଣ୍ଡପଡ଼ା,୪।୩ (ସ୍ୱ.ପ୍ର.)**

**ଚାଚେରୀ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ**

ଗୁରୁବାରଠାରୁ ଠାକୁରଙ୍କ ଦୋଳପର୍ବ ଆରମ୍ଭ ହୋଇଛି। ଶ୍ରୀ ଜୀଉ ଏହି ଅବସରରେ ଚାଚେରୀ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଏବଂ ଲକ୍ଷ୍ମୀସରସ୍ୱତୀଙ୍କୁ ସୁସଜ୍ଜିତ ବିମାନରେ ସନ୍ଧ୍ୟା ଆଳତୀ ପରେ ମନ୍ଦିରରେ ଚଣା, ଖଜା ଓ ଆମ୍ବ ପୂଜା ପରେ ଫଗୁ ଖେଳ ହୋଇ ସିଂହଦ୍ୱାର ଅନତି ଦୂରରେ ଥିବା ନୀଳମାଧବ ଜୀଉଙ୍କ ଦୟଣାଚୋରୀ ବଗିଚାକୁ ବିଜେ କରାଯାଇଥିଲା। ପରମ୍ପରା ଅନୁଯାୟୀ, ଫାଲଗୁନ ଶୁକ୍ଳ ଦଶମୀ ତିଥିରେ ନୀଳମାଧବ ଜୀଉଙ୍କ ନିକଟରେ ସନ୍ଧ୍ୟା ଆଳତୀ ପରେ ଚଣା, ଖଜା ଓ ଆମ୍ବ ପୂଜା ହୋଇ ଠାକୁରଙ୍କ ପାଖରେ ଫଗୁ ଲାଗି ହୋଇଥାଏ। ଫଗୁ ଖେଳ ପରେ ଠାକୁରଙ୍କ ଚଳନ୍ତି ପ୍ରତିମା, ମଦନମୋହନ ଜୀଉଙ୍କୁ ଏକ ସୁସଜ୍ଜିତ ବିମାନରେ ନୀଳମାଧବଜୀଉଙ୍କ ଦୟଣାଚୋରୀ ବଗିଚାକୁ ବିଜେ କରାଯାଏ। ତେବେ ପୂର୍ବ ପରମ୍ପରା କ୍ରମେ ପ୍ରତିବର୍ଷ ଦୋଳ ଏବଂ ଚମ୍ପକ ଦ୍ୱାଦଶୀକୁ ଠାକୁର ଏହି ବଗିଚାକୁ ବିଜେ ହୋଇଥାଆନ୍ତି। ଠାକୁର ସନ୍ଧ୍ୟା ପ୍ରାୟ ୮ଟାରେ ବଗିଚାକୁ ବିଜେ ହେବା ପରେ ସେଠାରେ ପରମ୍ପରା ଅନୁଯାୟୀ ଠାକୁରଙ୍କ ଦୋଳ ନୀତି ଓ ଚଣା, ଖଜା ଓ ଆମ୍ବ ପୂଜା ସମ୍ପନ୍ନ ପରେ ଆଳତୀ ହୋଇଥିଲା। ପରେ ଠାକୁରଙ୍କୁ ଫଗୁରେ ଚନ୍ଦନ ମିଶ୍ରଣ କରାଯାଇ ପ୍ରଲୋପ ଦିଆଯାଇଥିଲା। ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ଦେହରେ ଫଗୁ ଛିଞ୍ଚା ଯାଇଥିଲା। ଫଗୁ ଖେଳ ପରେ ଜୀଉଙ୍କୁ ବିମାନରେ ବିଜେ କରାଯାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ଗୁରୁବାରଠାରୁ ରବିବାର ପର୍ଯ୍ୟନ୍ତ ପୁର୍ନବାର ସନ୍ଧ୍ୟା ଧୂପ ପରେ ଠାକୁରଙ୍କୁ ବଗିଚାକୁ ବିଜେ କରାଯିବାର ପରମ୍ପରା ରହିଛି। ଠାକୁର ମନ୍ଦିରକୁ ବିଜେ ହେବାରେ ସନ୍ଧ୍ୟାଧୂପ, ବଡ ସିଂହାର, ଡମ୍ବରୁ ବିଜେ, ବିଡିଆ ଲାଗି ପରେ ପହଡ ଯାଇଥିଲେ। ଠାକୁରଙ୍କୁ ଆଜିର ଚାଚେରୀ ବେଶରେ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା।



ନୀଳମାଧବଙ୍କ ଚାଚେରୀ ବେଶ।

# ବିଶ୍ୱ ବନ୍ୟପ୍ରାଣୀ ଦିବସରେ ସଚେତନତା




ସଚେତନତା ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ବ୍ରହ୍ମପୁର ଅଫିସ,୪।୩**

ବିଶ୍ୱ ବନ୍ୟପ୍ରାଣୀ ଦିବସ ଉପଲକ୍ଷେ ସବୁଜ ବାହିନୀ ପକ୍ଷରୁ ଶୁକ୍ରବାର ସହର ଉପକଣ୍ଠସ୍ଥ ରାମଗୁଡା ଗ୍ରାମରେ ସଚେତନତା ଶିବିର ଓ ରାଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ, ସମ୍ମାନିତ ଅତିଥି ରୂପେ ରେଞ୍ଜର ରଜତ କୁମାର ମିଶ୍ର, ରାମଗୁଡା ସରପଞ୍ଚ କାମିନୀ ନାୟକ ଓ ଜନ ପ୍ରତିନିଧି ଟୁନା ନାୟକ ଉପସ୍ଥିତ ଥିଲେ। ରାମଗୁଡା ଏକ ହାତୀ ଚଳପ୍ରଚଳ ଅଞ୍ଚଳ ହୋଇଥିବାରୁ ହାତୀର ସୁରକ୍ଷା ଓ ହାତୀଙ୍କଠାରୁ ଗ୍ରାମବାସୀ କିଭଳି ସୁରକ୍ଷିତ ରହିପାରିବେ ସେ ନେଇ ଅତିଥିମାନେ ଆଲୋଚନା କରିଥିଲେ। ଗ୍ରୀଷ୍ମ ଋତୁର ପ୍ରକୋପ ଆରମ୍ଭ ହେବା ପୂର୍ବରୁ ଉତ୍ତାପ ଧୀରେ ଧୀରେ ବୃଦ୍ଧି ପାଉଛି। ଫଳରେ ଜଙ୍ଗଲରେ ନିଆଁ ଲାଗିବା ଦେଖିବାକୁ ମିଳିଥାଏ। ଏଣୁ ପ୍ରାରମ୍ଭିକସ୍ତରରେ ନିଆଁକୁ କିଭଳି ଆୟତ୍ତ କରାଯିବ ସେ ନେଇ ସବୁଜ ବାହିନୀ ପକ୍ଷରୁ ସଚେତନ କରାଯାଇଥିଲା। ଗଞ୍ଜାମ ଜିଲା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ କାରଣରୁ ହାତୀ, କୃଷ୍ଣସାର, ଅଲିଭ୍ ରିଡ୍‌ଲେ, ମୟୂର ଆଦି ଅଧିକ ଦେଖାଯାଇଥାନ୍ତି। ଏହାକୁ ସୁରକ୍ଷା ଦେବା ଜରୁରୀ ବୋଲି ବନଖଣ୍ଡ ଅଧିକାରୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀଙ୍କ ସମେତ ଗଣେଶ ପାଣିଗ୍ରାହୀ, ଏମ୍ ଦିଲୀପ କୁମାର, ପି. ବିନୋଦ, ଆକାଶ ରାଉତ, ପି. କିରଣ କୁମାର, କେ. କବିତା, ପ୍ରଣୟ ସାହୁ ଓ ରବୀନ୍ଦ୍ର ସାହାଣୀ ପରିଚାଳନାରେ ସହଯୋଗ କରିଥିଲେ।

## ଟାଙ୍କେରାରେ ରେଳପଥ କାମ ବନ୍ଦ

**ଜମି ଅଧିଗ୍ରହଣ ସତ୍ତ୍ୱେ ଅଧିକ କ୍ଷତିପୂରଣ ଦାବି**

**ନୟାଗଡ଼ ଅଫିସ,୪।୩**

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ଦଶପଲ୍ଲା ତହସିଲ ଅନ୍ତର୍ଗତ ଟାଙ୍କେରାରେ ୧୦.୫୫ ଏକର ବେସରକାରୀ ଜମି ଅଧିଗ୍ରହଣ ଶେଷ ହୋଇଛି। ତେବେ ଅଧିକ କ୍ଷତିପୂରଣ ଦାବି କରି କେତେକ ଗ୍ରାମବାସୀ ରେଳପଥର କାମରେ ବାଧା ସୃଷ୍ଟି କରୁଛନ୍ତି। ଏନେଇ ଇଷ୍ଟ କୋଷ୍ଟ ରେଳବାଇ ପକ୍ଷରୁ ନୟାଗଡ଼ ଜିଲାପାଳଙ୍କୁ ଅବଗତ କରାଯାଇ ସମସ୍ୟା ସାମଧାନ କରାଯିବାକୁ କୁହାଯାଇଛି। ଗତ ୨୦୨୨ ଡିସେମ୍ବର ୭ରେ ଟାଙ୍କେରାରେ ଜମି ଅଧିଗ୍ରହଣ ହୋଇଥିଲା। ଅନ୍ୟପକ୍ଷେ ଘଟଣା ସମ୍ପର୍କରେ ରାଜ୍ୟ ସରକାରଙ୍କର ଡେପୁଟି ସେକ୍ରେଟାରୀ କଳ୍ପତରୁ ସାମନ୍ତରାୟ ଗୃହ ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ମଧ୍ୟ ଅବଗତ କରାଇଛନ୍ତି।

## ସୌଦାମିନୀ ମୃତ୍ୟୁ ଘଟଣା: ପାରଳାରେ ଏନ୍‌ଏଚ୍‌ଆର୍‌ସି ଟିମ୍

**ପାରଳାଖେମୁଣ୍ଡି, ୪।୩ (ଡି.ଏନ୍.ଏ)**

ନବୋଦୟ ଛାତ୍ରୀ ସୌଦାମିନୀ ରୋହିତ ମୃତ୍ୟୁ ଘଟଣା ଧୀରେଧୀରେ ଘନେଇବାରେ ଲାଗିଛି। ଏହା ହତ୍ୟା କି ଆତ୍ମହତ୍ୟା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ତେବେ ଏହାର ତଦନ୍ତ ପାଇଁ ଜାତୀୟ ମାନବ ଅଧିକାର କମିଶନର ଦୁଇ ଜଣିଆ ଟିମ ଶନିବାର ପାରଳାଖେମୁଣ୍ଡି ଆସି ସୌଦାମିନୀଙ୍କ ପରିବାରକୁ ଭେଟିବା ସହ ଘଟଣା ଘଟିଥିବା ନବୋଦୟ ବିଦ୍ୟାଳୟକୁ ଯାଇଥିଲେ। ଘଟଣାର ପ୍ରାଥମିକ ତଦନ୍ତ, ସହପାଠୀମାନଙ୍କ ବୟାନରେ ତାଳମେଳ ରହୁନଥିବା ବିଷୟରେ ଆଲୋଚନା କରିଥିଲେ। ପ୍ରଥମେ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଘଟଣାସ୍ଥଳ ଅନୁଧ୍ୟାନ କରିଥିଲେ।

# ଶ୍ରୀରାମ ନବମୀରେ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ପଦାଧିକାରୀ ଓ କର୍ମକର୍ତ୍ତା।

**ଦଶପଲ୍ଲା,୪।୩ (ଡି.ଏନ.ଏ.)**

ଶନିବାର ଦଶପଲ୍ଲା ଏନଏସି ଅନ୍ତର୍ଗତ ଅନ୍ନପୂର୍ଣ୍ଣା କଲ୍ୟାଣ ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଗାମୀ ୩୦ ତାରିଖ ରାମନବମୀ ଦିନ ଏକ ବିଶାଳ ହିନ୍ଦୁ ସମାବେଶ ସହ ଏକ ଶୋଭାଯାତ୍ରା ପାଇଁ ଆଲୋଚନା ହୋଇଥିଲା। ଏହି ଶୋଭାଯାତ୍ରା ଶ୍ରୀରାମ ନବମୀ ଦିନ ଅପରାହ୍ନ ୨ଟା ସମୟରେ ମହାବୀର ମନ୍ଦିରରୁ ବାହାରି ଖମାରସାହି ପର୍ଯ୍ୟନ୍ତ ଯିବ। ଅପରାହ୍ନ ୪ ଟା ସମୟରେ ସ୍ଥାନୀୟ ଗାନ୍ଧୀ ପଡ଼ିଆଠାରେ ଏକ ସଭାର ଆୟୋଜନ କରାଯିବ। ଏହି ଶୋଭାଯାତ୍ରାରେ ଦଶପଲ୍ଲା, ନୂଆଗାଁ ଓ ଗଣିଆ ବ୍ଲକରର ସମସ୍ତ ଜନସାଧାରଣ ଯୋଗ ଦେବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ବୈଠକରେ ବିଶ୍ୱ ହିନ୍ଦୁ ପରିଷଦର ସମ୍ପାଦକ ରାଧାମୋହନ ସାହୁ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଆବାହକ ସିତୀକଣ୍ଠ ମିଶ୍ର, ଭାରତୀୟ ମଜଦୁର ସଂଘର ଜିଲା ସଭାପତି ବନମାଳୀ ମିଶ୍ର, ଆରଏସଏସର ଜିଲା ପଦାଧିକାରୀ ମାନସ ସାହୁଙ୍କ ତତ୍ତ୍ୱାବଧାନତାରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା।

# ଜିଲାପାଳଙ୍କ ନାଁ ଜାଣିନାହାନ୍ତି ଡିଆଇପିଆର୍‌ଓ

**ପ୍ରେସ୍ ବାର୍ତ୍ତାରେ ତ୍ରୁଟିପୂର୍ଣ୍ଣ ନାଁ ଲେଖୁଛନ୍ତି**

**ନୟାଗଡ଼ ଅଫିସ,୪।୩**

ନୟାଗଡ ଜିଲାପାଳଙ୍କ ନାଁ କଣ ଏଯାବତ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ(ଡିଆଇପିଆରଓ) ଜାଣି ପାରୁ ନ ଥିବାରୁ ଅସନ୍ତୋଷ ସୃଷ୍ଟି ହେଉଛି। ଜିଲାପାଳଙ୍କ ନାଁ ରବୀନ୍ଦ୍ର ନାଥ ସାହୁ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ନାମ ଫଳକ କହୁଛି। ପୁଣି ବିଭିନ୍ନ ସଭା ସମିତିରେ ଜିଲାପାଳଙ୍କ ନାଁ ରବୀନ୍ଦ୍ର ନାଥ ସାହୁ ବୋଲି ନିମନ୍ତ୍ରଣ ପତ୍ରରେ ଲେଖା ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ ଜିଲାପାଳଙ୍କ ପିଏ ମଧ୍ୟ ରବୀନ୍ଦ୍ର ନାଥ ସାହୁ ବୋଲି କହିଛନ୍ତି। ହେଲେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗଣମାଧ୍ୟମକୁ ଦେଉଥିବା ପ୍ରେସ ବାର୍ତ୍ତାରେ ରବୀନ୍ଦ୍ର କୁମାର ସାହୁ ଲେଖୁଛନ୍ତି। ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଜିଲାପାଳଙ୍କ ନାଁ କୁ ମନେ ରଖି ପାରୁ ନ ଥିବାରୁ ଗଣମାଧ୍ୟମର ପ୍ରତିନିଧିମାନେ ମଧ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ଶନିବାର ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ପ୍ରେସ ବାର୍ତ୍ତାରେ ରବୀନ୍ଦ୍ର ନାଥ ବଦଳରେ ରବୀନ୍ଦ୍ର କୁମାର ଲେଖା ଯାଇଛି। ବିଭିନ୍ନ ସମୟରେ ଏପରି ତ୍ରୁଟି ଦେଖିବାକୁ ମିଳୁଛି। ଏହାର ସଂଶୋଧନ ହେବା ଦରକାର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଟ୍ରେନ ଯାତ୍ରା ମହଙ୍ଗା ପଡ଼ିଲା: କଡ଼ାକଡ଼ି ଟିକେଟ ଯାଞ୍ଚ

**ନୟାଗଡ଼ ଅଫିସ,୪।୩**

ଭୁବନେଶ୍ୱର ନୟାଗଡ଼ ଟାଉନ ସେବା ଏକ୍ସପ୍ରେସ ଓ ପୁରୀ ନୂଆଗାଁ ରୋଡ ପାସେଞ୍ଜର ଟ୍ରେନରେ ଟିକେଟ କଡାକଡି ଯାଞ୍ଚ ହୋଇଛି। ମାଗଣାରେ ଟ୍ରେନ ଯାତ୍ରା କରିବା ମହଙ୍ଗା ପଡିଛି। ଗତ କିଛି ମାସ ହେଲା ଦୁଇଟି ଯାକ ଟ୍ରେନରେ ଯାତ୍ରୀଙ୍କ ଭିଡ ଦେଖା ଦେଇଥିଲା। ହେଲେ ସରକାରଙ୍କ ରାଜସ୍ୱ ବଢୁ ନାହିଁ। ଏଣୁ ଶନିବାର ଟିକେଟ ଯାଞ୍ଚ କଡାକଡି ହୋଇଛି। ତେବେ ଖୋର୍ଦ୍ଧା ଜିଲାର ବେଗୁନିଆରେ ପୁରୀ ନୂଆଗାଁ ରୋଡ ପାସେଞ୍ଜର ଟ୍ରେନ ଯାଞ୍ଚ ହେଉଛି। ପ୍ରକାଶଥାଉକି ବିନା ଟିକେଟରେ ଯାତ୍ରା ନ କରିବା ପାଇଁ ପ୍ରତିବର୍ଷ ସଚେତନତା କରାଯାଉଥିଲେ ହେଁ ମାଗଣାରେ ଟ୍ରେନ ଯାତ୍ରା କମିବାର ନାଁ ଧରୁନି।

# ଖରାଦିନ ଆରମ୍ଭରୁ ଜଳକଷ୍ଟ ପାଣି ପାଇଁ ଉହଳବିକଳ

**ବାଲିଗୁଡ଼ା,୪।୩:(ଡି.ଏନ.ଏ)**

କନ୍ଧମାଳ ଜିଲା ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଅନେକ ୱାର୍ଡରେ ଦୀର୍ଘ ଦିନରୁ ଜଳ ସଙ୍କଟ ଲାଗି ରହିଛି। ହେଲେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କିମ୍ବା ଜଳ ଯୋଗାଣ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ଅନେକ ୱାର୍ଡରେ ପାଇପ ଲାଇନ ସଂଯୋଗ ହୋଇଥିବା ସତ୍ତ୍ୱେ ଲୋକଙ୍କୁ ପାଣି ମିଳୁନଥିବା ବେଳେ କେତେକ ସ୍ଥାନରେ ପାଣି ଅଯଥାରେ ଅପଚୟ ହେଉଥିବା ବେଳେ ଏବେ ବି ଅନେକ ୱାର୍ଡରେ ଲୋକଙ୍କ ଘରକୁ ପାଇପ ପାଣି ସଂଯୋଗ ହୋଇନଥିବା ଜଣାପଡ଼ିଛି। ରାଜ୍ୟ ସରକାର ଗାଁଠୁ ସହର ସବୁ ଅଞ୍ଚଳରେ ଘରକୁ ଘର ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରିଥିବା ବେଳେ ଜିଲାର ବାଲିଗୁଡ଼ା ଏନ୍‌ଏସିର ଅନେକ ପରିବାର ଏଥିରୁ ବଞ୍ଚିତ ଅଛନ୍ତି। କିନ୍ତୁ ଜଳ ଯୋଗାଣ ପ୍ରକଳ୍ପ ଦାୟିତ୍ୱରେ ଥିବା ସଂସ୍ଥା କର୍ମଚାରୀଙ୍କୁ ଘରକୁ ଘର ପଠାଇ ହିତାଧିକାରୀଙ୍କ ଠିକଣା ଯୋଗାଡ଼ କରୁଥିବା ବେଳେ ଜନସାଧାରଣଙ୍କୁ ଉପଯୁକ୍ତ ଜଳ ଯୋଗାଣ ନକରି ହିତାଧିକାରୀଙ୍କ ନିକଟରୁ ବିଭାଗ ପକ୍ଷରୁ ଟିକସ ଆଦାୟ କରାଯାଉଛି। ବାଲିଗୁଡ଼ାରେ ସହରାଞ୍ଚଳ ଜଳଯୋଗାଣ କାର୍ଯ୍ୟାଳୟ ନଥିବା ହେତୁ ଲୋକେ ନିଜ ସମସ୍ୟା ବିଷୟରେ କାହାକୁ ଜଣାଇ ପାରୁନାହାନ୍ତି। ଅନ୍ୟପଟେ ବିଜ୍ଞାପିତ ଅଞ୍ଚଳ ପରିଷଦ ସହରର ସମସ୍ତ ସୁବିଧା ଅସୁବିଧା ବୁଝିବା କଥା କିନ୍ତୁ କେହି ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି। ଏବେ ଖରାଦିନ ଆରମ୍ଭ ହେଲାଣି। ରାଜ୍ୟ ସରକାର ପ୍ରତି ଘରକୁ ଦିନ ରାତି ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିଛନ୍ତି। ହେଲେ ଆମେ କ'ଣ ପାଇଁ ସରକାରୀ ଯୋଜନାରୁ ବଞ୍ଚିତ ରହିବୁ ବୋଲି ଲୋକେ ପ୍ରଶ୍ନ କଲେଣି। ଯଦି ଏଥିରେ ବ୍ୟତିକ୍ରମ ଘଟେ ତେବେ ଜନ ଆନ୍ଦୋଳନ ହେବ ଏବଂ ଏଥିପାଇଁ ବିଭାଗୀୟ ଅଧିକାରୀ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏଣୁ ଜିଲା ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ କୁହାଯାଇଛି।

# ଫୁଲଝାଡୁ ଚାଷ ଦେଇଛି ରୋଜଗାର

- ପ୍ରଥମେ ଜଙ୍ଗଲରେ ଆପେ ହେଉଥିଲା ଏବେ ସ୍ୱତନ୍ତ୍ର ଚାଷ କରାଯାଉଛି
- ଦର ଧାର୍ଯ୍ୟ ଓ ମଣ୍ଡି ଖୋଲିଲେ ଚାଷୀ ଲାଭବାନ ହେବେ
- ଅଭାବୀ ବିକ୍ରି କରି ଚାଷୀ ହଟହଟା

**ଦାରିଙ୍ଗବାଡ, ୪।୩(ଡି.ଏନ୍.ଏ)**



ମହିଳାମାନେ ଫୁଲଝାଡୁ ପ୍ରସ୍ତୁତ କରୁଛନ୍ତି।

ସବୁ ଘରେ ରାତି ପାହିଲେ ଖୋଜା ପଡେ ଝାଡୁ। ପ୍ଲାଷ୍ଟିକ ଯୁଗରେ ଏବେ ବି ଫୁଲଝାଡୁର ଚାହିଦା ରହିଛି। ସେହିପରି ରାଜ୍ୟରେ ବିଭିନ୍ନ ଜିଲାରେ ବିଭିନ୍ନ ପ୍ରକାର ଝାଡୁ ତଥା ତାଳପତ୍ର ସମେତ ଖଜୁରି ଝାଡୁ, ନଡ଼ିଆ ଗଛରୁ ବି ଝାଡୁ ପ୍ରସ୍ତୁତ ହୁଏ। ଘର ସଫେଇ ପାଇଁ ଫୁଲଝାଡୁର ଚାହିଦା ଅଧିକା ରହିଛି। ପୂର୍ବରୁ କନ୍ଧମାଳ ଜିଲାରେ ଥିବା ଜଙ୍ଗଲ ଓ ପାହାଡ଼ ଉପରେ ଆପେ ଆପେ ଫୁଲଝାଡୁ ହୋଇଥାଏ। ସେହି ସମୟରେ ଏହାର ଦର ଠିକ୍ ଥିବା ବେଳେ ଏବେ ଅଞ୍ଚଳରେ ସରକାରଙ୍କ ଏକାଧିକ ବିଭାଗ ଦ୍ୱାରା ଏହି ଚାଷ ପାଇଁ ପଦକ୍ଷେପ ନିଆଯାଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସହାୟତା ଯୋଗାଇ ଦିଆଯାଇଛି ଏବଂ ତା'ର ରକ୍ଷଣାବେକ୍ଷଣ ପାଇଁ ୫ ବର୍ଷ ଧରି ସରକାର ସହାୟତା କରିଥିଲେ। ଏବେ ଏହି ଚାଷ ଜିଲାରେ ବହୁଳ ମାତ୍ରାରେ ହେଉଥିବା ବେଳେ ଫୁଲଝାଡୁର କୌଣସି ଦର ଧାର୍ଯ୍ୟ କରାଯାଉନି କି ଏହାର ବିକ୍ରିବଟା ବ୍ୟବସ୍ଥା କରାଯାଉନି, ଫଳରେ ଫୁଲଝାଡୁ ଚାଷୀ ନିରାଶ ହେବା ସହ କିଛି ଚାଷୀ ଏହି ଚାଷର ବୃଦ୍ଧି କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଫୁଲଝାଡୁକୁ ଦଲାଲମାନେ ଶସ୍ତାରେ ଚାଷୀଙ୍କଠାରୁ ନେଇ ବାହାର ରାଜ୍ୟକୁ ପଠାଇ ବହୁ ଦାମ୍‌ରେ ଏହାକୁ ପ୍ରସ୍ତୁତ କରି ବିକ୍ରିକରି ଲାଭବାନ୍ ହେଉଛନ୍ତି ବୋଲି ଚାଷୀ ଅଭିଯୋଗ କରୁଛନ୍ତି। ପ୍ରକାଶ ଯେ, ଏହି ଫୁଲଝାଡୁ ଚାଷରେ ଛୋଟ ଛୋଟ ଚାଷ କରି ବର୍ଷକରେ ୨ ମାସ ଚାଷୀ ପରିଶ୍ରମ କରି ଅତି କମ୍‌ରେ ୫ରୁ ୧୦ ହଜାର ପର୍ଯ୍ୟନ୍ତ ରୋଜଗାର କରୁଥିବା ବେଳେ କେତେଜଣ ଚାଷୀ ଲକ୍ଷାଧିକ ଟଙ୍କା ରୋଜଗାର କରିବା ନଜିର ରହିଛି। ଏ ନେଇ ବାଡାବାଙ୍ଗା ପଞ୍ଚାୟତ ସିକକେତା ଗ୍ରାମର ଚାଷୀ ପ୍ରତ୍ୟୁଷ ପ୍ରଧାନ କୁହନ୍ତି ସେ ସରକାରଙ୍କ ପକ୍ଷରୁ ୩ ଏକର ଜମିରେ ଏହି ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିଲେ ହେଲେ ଏହାର ଅଭାବୀ ବିକ୍ରି ଓ ଦର ଧାର୍ଯ୍ୟ ନ ଥିବାରୁ ସେ କ୍ଷତି ସହୁଛନ୍ତି। ତେଣୁ ସରକାର ଏହାର ଦର ଧାର୍ଯ୍ୟ କରିବା ସହ ମଣ୍ଡି ଖୋଲିବାକୁ ସେ ନିବେଦନ କରିଛନ୍ତି।

# ଅନ୍ଧାରରେ ଆଭ୍ୟନ୍ତର ଗାଁ


ଅଚଳ ହୋଇପଡ଼ିଥିବା ଟ୍ରାନ୍ସଫର୍ମର ।


ଡିବି ଲଗାଇ ପିଲାମାନେ ପାଠ ପଢୁଛନ୍ତି ।

ଯାଜପୁର ଅଫିସ/କୋରେଇ (ଡି.ଏନ.ଏ.),୪।୩

■ ଷ୍ଟ୍ରିଟ୍ ଲାଇଟ୍ ଆଉ ଜଳୁନି
■ ଛାତ୍ରୀଛାତ୍ରଙ୍କୁ ଡିବିରି ଆଲୁଅ ଭରସା
■ ବର୍ଷେ ହେଲା କିଆପଦା ଗ୍ରାମକୁ ବିଜୁଳି ବିଚ୍ଛିନ୍ନ

ଆଜାଦୀ କା ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ୨୫।୭।୨୦୨୨ରୁ ୩୦।୭।୨୦୨୨ ପର୍ଯ୍ୟନ୍ତ ପ୍ରତ୍ୟେକ ଜିଲାରେ ଉଜ୍ଜ୍ୱଳ ଭାରତ-ଉଜ୍ଜ୍ୱଳ, ଭବିଷ୍ୟତ ପାୱାର-୨୦୪୭ କାର୍ଯ୍ୟକ୍ରମ (ବିଜୁଳି ମହୋତ୍ସବ) ପାଳନ କରାଗଲା। ଏଥିରେ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ପକ୍ଷରୁ ନିରନ୍ତର ବିଜୁଳି ସେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସ୍ୱାଧୀନତାର ୭୫ ବର୍ଷ ଭିତରେ ଦେଶ ଅନେକ ସୋପାନ ଅତିକ୍ରମ କରି ବିଦ୍ୟୁତ୍ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି, ଆଉ ଲୋ ଭୋଲ୍ଟେଜ୍ ସମସ୍ୟା ନାହିଁ, ପ୍ରତି ଘରେ ବିଜୁଳି ପହଞ୍ଚି ପାରିଛି ବୋଲି ବକ୍ତାମାନେ ଭାଷଣ ଦେଇଥିଲେ। କିନ୍ତୁ ଯାଜପୁର ଜିଲାର କେତେକ ଆଭ୍ୟନ୍ତରୀଣ ଅଞ୍ଚଳରେ ତାହା ନିରର୍ଥକ ହୋଇଛି। ଉଦାହରଣ ଭାବେ ଯାଜପୁର ଓ କେନ୍ଦୁଝର ଜିଲା ସୀମାନ୍ତବର୍ତ୍ତୀ କୋରେଇ ବ୍ଲକ ଅଧୀନ ଅନ୍ଧାରୀ ପଞ୍ଚାୟତର କିଆପଦା (ଚଢ଼େଇପାଟିଆ) ଗ୍ରାମକୁ ନିଆଯାଇପାରେ। ସେଠାରେ ଲୋକେ ଅନ୍ଧାରରେ କାଳାତିପାତ କରୁଛନ୍ତି।

ସହରାଞ୍ଚଳର ବିକାଶ ସହିତ ଗ୍ରାମାଞ୍ଚଳକୁ ସାମିଲ କରିବା ଉଦ୍ଦେଶ୍ୟରେ ଆଲୋକୀକରଣ ବ୍ୟବସ୍ଥାକୁ ଅଗ୍ରାଧିକାର ଦେଇ ପ୍ରତି ପଞ୍ଚାୟତରେ ଏଲ୍ଇଡି ଲାଇଟ୍ ଲଗାଇବା ବ୍ୟବସ୍ଥା ହୋଇଥିଲା। ଏଥିରେ ଯାଜପୁର ଜିଲାରେ ୨୦୧୫-୧୬ ଓ ୨୦୧୬-୧୭ ଆର୍ଥିକ ବର୍ଷରେ ଚତୁର୍ଥ ଓ ଚତୁର୍ଦ୍ଦଶ ଅର୍ଥ ପାଣ୍ଠିରେ ଖୁଣ୍ଟ ପିଛା ୩୨ ହଜାର ଟଙ୍କା ବିନିଯୋଗ ହୋଇଥିଲା। ଜଣେ ଠିକାସଂସ୍ଥାକୁ ଯାଜପୁର ଓ ଭଦ୍ରକ ଜିଲାର ଦାୟିତ୍ୱ ଦେଇ ପ୍ରଶାସନ ଅଯାଚିତ ଅନୁକମ୍ପା ପ୍ରଦର୍ଶନ କରିଥିଲା। ନିମ୍ନମାନର ଏଲ୍ଇଡି ଲାଇଟ୍ ଓ ସରଞ୍ଜାମ ଲଗାଯାଇ ବିପୁଳ ଅର୍ଥ ହରିଲୁଟ୍ ହୋଇଥିବା ନେଇ ୨୦୧୭ ଶେଷ ବେଳକୁ ଅଭିଯୋଗ ଉଠିଥିଲା। ଏହି କେଳେଙ୍କାରୀକୁ ନେଇ କେତେଜଣ ସାମାଜିକ କର୍ମୀ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ହେଲେ ଏହି ମହାଦୁର୍ନୀତି ଦବିଯାଇଥିବାବେଳେ ଏଯାଏ କୌଣସି ଠୋସ୍ ପଦକ୍ଷେପ ନିଆଗଲା ନାହିଁ। ଦାୟିତ୍ୱରେ ଥିବା ଠିକାସଂସ୍ଥା ନିମ୍ନମାନର ଲାଇଟ୍ ସରଞ୍ଜାମ ଲଗାଯାଇଥିବାରୁ ସେସବୁ ୩ ରୁ ୪ ମାସ ମଧ୍ୟ ଜଳି ନ ଥିଲା। ବଜାର ଦରଠାରୁ ପ୍ରାୟ ୮ ଗୁଣ ଅଧିକ ଟଙ୍କାର ବିଲ୍ କରାଯାଇଥିବା ଅଭିଯୋଗ ହେଉଛି। ଏବେ ଖୁଣ୍ଟ ଅଛି, ହେଲେ ଲାଇଟ ନଥିବାରୁ ସମ୍ପୃକ୍ତ ଗ୍ରାମଗୁଡ଼ିକ ଅନ୍ଧାରରେ ରହିଛି।

କିଆପଦା ଗ୍ରାମ କଥା ଦେଖିଲେ, ଏଠାରେ ପ୍ରାୟ ୬୧ ଦଳିତ ପରିବାର ରହୁଛନ୍ତି। ଆର୍ଥିକ ସ୍ଥିତି ସୁଦୃଢ଼ ନ ଥିବାରୁ ପ୍ରାୟ ୯୦% ଲୋକ ଦିନମଜୁରିଆ ଭାବେ କାମ କରନ୍ତି। ୧ବର୍ଷ ହେବ ଏହି ଗାଁରେ ବିଜୁଳି ନାହିଁ। ଟାଟା ପାୱାର ବିଜୁଳି ଯୋଗାଣ ଦାୟିତ୍ୱ ନିଜ ହାତକୁ ନେବା ଦିନଠାରୁ ଗରିବଙ୍କ ମୁଣ୍ଡରେ ଚଡ଼କ ପଡ଼ିଥିବା କୁହାଯାଉଛି। ଗ୍ରାମର ୧୩ ପରିବାରକୁ ବିଜୁଳି ସଂଯୋଗ ଦିଆଯାଇଥିଲା। ଗତବର୍ଷ ଜାନୁୟାରୀରେ ପୂର୍ବରୁ ବିଦ୍ୟୁତ୍ ବିଲ୍ ବାକି ଥିବା ଦର୍ଶାଇ ଗ୍ରାମରୁ ସମ୍ପୂର୍ଣ୍ଣ ଭାବେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେମାନେ ଯାଜପୁର ରୋଡ୍ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, କୋରେଇ ବ୍ଲକ ଉନ୍ନୟନ ଅଧିକାରୀ ଓ କୋରେଇ ବିଧାୟକଙ୍କ ନିକଟକୁ ଧାଇଁ ଧାଇଁ ନୟାନ୍ତ ହେଲେଣି। ଗ୍ରାମ ନିକଟରେ ଜଙ୍ଗଲ ଥିବାରୁ ସଞ୍ଜ ହେଲେ ଭାଲୁ ଉପଦ୍ରବ ଦେଖିବାକୁ ମିଳୁଛି। ମୁଖ୍ୟତଃ ପିଲାଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେଉଥିବା ବେଳେ ଗର୍ଭବତୀ ମହିଳା ଓ ବୃଦ୍ଧାବୃଦ୍ଧ ଅନେକ ଅସୁବିଧା ଭୋଗୁଛନ୍ତି। ଗ୍ରୀଷ୍ମରେ ତାପମାତ୍ରା ବଢ଼ିବା ସାଙ୍ଗକୁ ଲୋକଙ୍କ ଚିନ୍ତା ବୃଦ୍ଧିପାଉଛି। ସେମାନେ ମୋବାଇଲ ଓ ଲାଇଟ୍ ଚାର୍ଜ ପାଇଁ ଅନ୍ୟ ଗ୍ରାମକୁ ଯିବାକୁ ପଡୁଛି। ଅଭାବ ଓ ଅନଟନରେ ଜୀବନ କାଟୁଥିବା ଏହି ଦଳିତ ଗାଁର ଲୋକଙ୍କ ପାଇଁ ବିଦ୍ୟୁତ୍ ସମସ୍ୟା ମୁଣ୍ଡବ୍ୟଥାର କାରଣ ପାଲଟିଛି । ଗ୍ରାମର ୧୩ ପରିବାର ନାଁରେ ବିଜୁଳି ବିଲ୍ ବାକିଥିବା କାରଣରୁ ପ୍ରାୟ ୪୮ ପରିବାର ଅନ୍ଧାରରେ ଦିନ କାଟୁଥିବା ଦେଖିବାକୁ ମିଳିଛି। ଏନେଇ ଯାଜପୁର ରୋଡ୍ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ପାର୍ଥସାରଥି ଦାସଙ୍କୁ ପଚାରିବାରେ ଓଟିଏସ୍ ସ୍କିମ୍‌ରେ ବକେୟା ବିଦ୍ୟୁତ୍ ବିଲ୍ ପ୍ରଦାନ ପାଇଁ ସେ ପରାମର୍ଶ ଦେଇଥିଲେ। କିନ୍ତୁ ବିଲ୍ ନ ଭରାଯିବାରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ପାରୁନାହିଁ ବୋଲି ସେ କହିଛନ୍ତି।

## ଦୁର୍ଘଟଣାରେ ରାସ୍ତା ତଳକୁ ଖସିଲା ଆମ୍ବୁଲାନ୍ସ :୩ ଗୁରୁତର

■ କୁହୁଡ଼ି କାଳ ହେଲା
■ ରୋଗୀ ନେଇଯାଉଥିବା ବେଳେ ଟ୍ରେଲର ସହ ଧକ୍କା

ରଘୁନାଥପୁର,୪।୩(ଡି.ଏନ୍.ଏ.)


ଦୁର୍ଘଟଣାରେ ଗୁରୁତର ହୋଇଥିବା ଯୁବକମାନେ ।

ରଘୁନାଥପୁର ବ୍ଲକ କଟକ ପାରାଦୀପ ରାସ୍ତାର ଜଇପୁର ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ରୋଗୀ ନେଇ ଯାଉଥିବା ୧୦୮ ଆମ୍ବୁଲାନ୍ସ ଏକ ଟ୍ରେଲର ସହ ଧକ୍କାଦେଇ ରାସ୍ତା ତଳକୁ ଖସି ପଡ଼ିଛି। ଫଳରେ ଆମ୍ବୁଲାନ୍ସ ଚାଳକଙ୍କ ସହ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ସେଥିରେ ଥିବା ରୋଗୀ ଓ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ୩ ଗୁରୁତର ହେଲେ ଆମ୍ବୁଲାନ୍ସ ଚାଳକ ତଥା ତିର୍ତ୍ତୋଲ ଥାନା ଅନ୍ତର୍ଗତ ବନ୍ଧାଳର କାଳନ୍ଦୀ ଚରଣ ସାହୁ (୩୩) ଓ ମଠସାହିର ରାଜା ରୁଦ୍ରପ୍ରତାପ ବାରିକ (୨୫)। ଅନ୍ୟ ଜଣେ ହେଲେ ହେଲ୍ପର ତଥା କୁଜଙ୍ଗ ଥାନା ଅନ୍ତର୍ଗତ ପଙ୍କପାଳ ଗ୍ରାମର ନୀହାର ରଞ୍ଜନ ବାରିକ(୩୫)।


ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ ।

ଅପରପକ୍ଷେ ଆହତମାନଙ୍କ ନାମ ଜଣାପଡିନାହିଁ। ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଗୁରୁତରମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ରଘୁନାଥପୁର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆହତମାନେ ଅନ୍ୟ ଏକ ଆମ୍ବୁଲାନ୍ସରେ କୁଆଡ଼େ ଯାଇଛନ୍ତି ସେ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ।

କୁଜଙ୍ଗରୁ ରୋଗୀ ନେଇ ଆମ୍ବୁଲାନ୍ସଟି କଟକ ଯାଉଥିବାବେଳେ କଟକରୁ ମାଲ ବୋଝେଇ କରି ଆସୁଥିବା ଏକ ଟ୍ରେଲର ସହ ଧକ୍କା ହୋଇଥିଲା। ଏଥିରେ ଆମ୍ବୁଲାନ୍ସ ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। କୁହୁଡ଼ି ଯୋଗୁ ଏହି ଦୁର୍ଘଟଣା ହୋଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଟ୍ରେଲର ଡ୍ରାଇଭର ଗାଡ଼ି ଛାଡି ଫେରାର ହୋଇଯାଇଛି। ଖବରପାଇ ତିର୍ତ୍ତୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରେଲରକୁ ଜବତ କରିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଆଇଆଇସି ଯୁଗଳ କିଶୋର ଦାସ ପ୍ରକାଶ କରିଛନ୍ତି।

## ରାଇସ୍ ମିଲ୍‌ରୁ ଯନ୍ତ୍ରାଂଶ ଚୋରି ଘଟଣାରେ ୪ ଗିରଫ

ମାର୍ଶାଘାଇ,୪।୩(ଡି.ଏନ୍.ଏ.)

ମାର୍ଶାଘାଇ ଥାନା ହାତିଆ ଗ୍ରାମର ନିତାଇଗୌର ରାଇସ ମିଲରୁ ବିପୁଳ ପରିମାଣର ଯନ୍ତ୍ରାଂଶ ଚୋରି ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଜମଧର ଗ୍ରାମର ସାହାଜାନ ଖାନ୍(୩୭), ଭଦ୍ରେଶ୍ୱର ଥାନା ଅଚ୍ୟୁତପୁର ଗ୍ରାମର ମୁଷା ଓରଫ୍ ରଜତ କୁମାର ମଲିକ(୨୩)ପ୍ରହରାଜପୁର ଗ୍ରାମର ମନୋରଞ୍ଜନ ଦାସ ଓରଫ୍ ବାପି(୨୧)ଏବଂ କୁରୁଜଙ୍ଗା ଗ୍ରାମର ରାକେଶ ମଲିକ ଓରଫ ସାନିଆ(୨୧)। ରାଇସ ମିଲ ମାଲିକ ନୃସିଂହ ଚରଣ ଜେନାଙ୍କ ଅଭିଯୋଗକ୍ରମେ ମାର୍ଶାଘାଇ ପୋଲିସ ଏକ ମାମଲା(ନଂ.୯୫/୨୩) ରୁଜୁ କରିଥିଲା। ଦୀର୍ଘଦିନ ବନ୍ଦ ରହିଥିବା ଏହି ମିଲରୁ ଗତ ଫେବୃୟାରୀ୨୧ ତାରିଖ ଦିନ ପ୍ରାୟ ୧୦ ଲକ୍ଷ ଟଙ୍କାର ୨୨ଗୋଟି ଯନ୍ତ୍ରାଂଶ ଚୋରି ହୋଇଥିଲା।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଆଶାଜିତ୍


@ ବିଭୁପ୍ରସାଦ


@ କାଳିଆ


@ ମୋନାଲିସା


@ ରାଜେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଭାରତର ଶ୍ରେଷ୍ଠ ବନ୍ୟଜନ୍ତୁସ୍ଥଳୀ ଭିତରକନିକା

ରାଜନଗର, ୪।୩(ଡି.ଏନ.ଏ.)

ଟ୍ୱିଟ କଲା ପର୍ଯ୍ୟଟନ ବିଭାଗ

ପ୍ରକୃତିର ବିସ୍ମୟ ଭିତରକନିକା । ୬୭୨ବର୍ଗ କିମି ବ୍ୟାପ୍ତ ଭିତରକନିକା ଅଭୟାରଣ୍ୟ ଓ ୧୪୫ ବର୍ଗ କିମି ବିଶିଷ୍ଟ ଭିତରକନିକା ଜାତୀୟ ଉଦ୍ୟାନର ଜୈବ ବିବିଧତା ପ୍ରକୃତିପ୍ରେମୀ, ପରିବେଶବିତ୍, ଜୀବ ବିଜ୍ଞାନୀ, ପକ୍ଷୀ ବିଶାରଦମାନଙ୍କୁ ସବୁ ସମୟରେ ଆକୃଷ୍ଟ କରିଆସିଛି। ଜୈବ ବିବିଧତା ପାଇଁ ଭିତରକନିକାକୁ ଅନ୍ତର୍ଜାତିକ ରାମସାର ସାଇଟର ମାନ୍ୟତା ମିଳିଛି। ଭାରତରେ ଥିବା ପ୍ରାକୃତିକ ପରିବେଶ ସ୍ଥଳୀ ମଧ୍ୟରେ ଭିତରକନିକା ଜାତୀୟସ୍ତରରେ ଶ୍ରେଷ୍ଠ ଭାବେ ବିବେଚିତ ହୋଇଛି। ନୂଆଦିଲ୍ଲୀଠାରେ ଇଣ୍ଡିଆ ଟୁଡେ ପର୍ଯ୍ୟଟନ ସମ୍ମିଳନୀରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ୩ଟି ବର୍ଗରେ ସମ୍ମାନୀତ ହୋଇଛି। ଶ୍ରେଷ୍ଠ ପାର୍ବଣ ସ୍ଥଳୀ ଭାବେ ପୁରୀ ରଥଯାତ୍ରା, ଶ୍ରେଷ୍ଠ ଆଇକନିକ ସ୍ଥଳୀ ଭାବେ କୋଣାର୍କ, ଏବଂ ଶ୍ରେଷ୍ଠ ବନ୍ୟଜନ୍ତୁ ସ୍ଥଳୀ ଭାବେ ଭିତରକନିକାକୁ ପୁରସ୍କାର ମିଳିଛି। ବିଶ୍ୱ ପ୍ରସିଦ୍ଧ ଭିତରକନିକା ଶ୍ରେଷ୍ଠ ବନ୍ୟଜନ୍ତୁ ସ୍ଥଳୀ ଭାବେ ଜାତୀୟସ୍ତରରେ ଚୟନ ହେବା ପରେ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳିଯାଇଛି। ଶୁକ୍ରବାର ରାଜନଗର ବିଧାୟକ ଧ୍ରୁବ ସାହୁ ଓ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ଯାଦବ ଭୁବନେଶ୍ୱର ପଞ୍ଚାୟତ ଭବନ ଠାରେ ନୂଆଦିଲ୍ଲୀରେ ମିଳିଥିବା ଟ୍ରଫି ଧରି ଫଟୋ ଉଠାଇଥିଲେ। ଭିତରକନିକା ଏହି ଗୌରବର ଅଧିକାରୀ ହୋଇଥିବାରୁ ଉଭୟ ଉଭୟଙ୍କୁ ଶୁଭେଚ୍ଛା ଜଣାଇଥିଲେ।


ଟ୍ରଫି ସହ ବିଧାୟକ ଧ୍ରୁବ ସାହୁ ଓ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ।

# ସାଗରବେଳା ମହୋତ୍ସବ ଉଦ୍‌ଘାଟିତ

ରାଜନଗର,୪।୩(ଡି.ଏନ.ଏ.)

ପୂର୍ବ ପୁରୁଷମାନେ ଭିତରକନିକାକୁ ନିଜ ଗଚ୍ଛିଧନ କରି ରଖିଥିଲେ ଆମ ପାଇଁ। ଭିତରକନିକାର ଜୈବ ବିବିଧତା ଆମେ ବିଶ୍ୱ ଦରବାରରେ ଯେତେ ପହଞ୍ଚାଇ ପାରିବା, ପ୍ରଚାର କରିବା ଏଠିକାର ଇକୋ ଟୁରିଜିମ ସେତେ ବଢିବ। ଇକୋ ଟୁରିଜିମ ବଢିଲେ, ଭିତରକନିକା ଚାରିପଟେ ଥିବା ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ହୋଇପାରିବ। ଖଣି ନାହିଁ, ଖାଦନ ନାହିଁ କି ଶିଳ୍ପ ନାହିଁ ଏ ଅଞ୍ଚଳରେ। ଆମ ପାଖରେ ପ୍ରାକୃତିକ ବିଭବ ଅଛି। ଆମ ଅଞ୍ଚଳର ବିକାଶ ଭିତରକନିକା ଓ ପେଣ୍ଠ ଭିତରେ ଲୁଚିକି ରହିଛି। ଆମକୁ ଏ ଗୁପ୍ତଧନକୁ ଚିହ୍ନିବାକୁ ପଡିବ ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ମତବ୍ୟକ୍ତ କରିଛନ୍ତି। ରାଜନଗର ବ୍ଲକ ପେଣ୍ଠ ନିକଟ ବଙ୍ଗୋପସାଗର ବେଳାଭୂମିରେ ୪ର୍ଥ ସାଗରବେଳା ମହୋତ୍ସବକୁ ଉଦ୍‌ଘାଟନ କରିବା ସହ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହୁ ଏହା କହିଛନ୍ତି। ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦର ସଭାପତି ଡ. ଅଭୟ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଇତିହାସ ଚିରକାଳ ମନ୍ତ୍ରଦାତା, ଶିକ୍ଷାଦାତା। ଇତିହାସ ଜାତିକୁ ପୁନଃଗଠିତ କରାଏ ଏବଂ ବ୍ୟକ୍ତିକୁ ଆତ୍ମ ସମ୍ମାନ କରାଏ ବୋଲି କହିଥିଲେ। ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦର ମହାସଚିବ ପ୍ରଫେସର ସତ୍ୟବାଦୀ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ମାନୀତ ଅତିଥି ଭାବେ କେନ୍ଦ୍ରାପଡା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ ଯୋଗଦେଇ ଆମ ପରମ୍ପରା, ଐତିହ୍ୟ ଓ ସଂସ୍କୃତିକୁ ଉଦ୍‌ଜୀବିତ ରଖିବାରେ ସାଗରବେଳା ମହୋତ୍ସବ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ। ମହୋତ୍ସବ କମିଟିର ଯୋଜନା ଓ ସଂଗଠନ ସଚିବ ଡ. ଧରଣୀଧର ରାଉତ ମହୋତ୍ସବର ମୁଖପତ୍ର 'ସାଗରବେଳା' ସମ୍ପର୍କରେ ମତ ରଖିବା ସହ ଏହି ମହୋତ୍ସବ ଅଂଚଳର ସାଂସ୍କୃତିକ ଓ ସାମଗ୍ରୀକ ବିକାଶ ପାଇଁ କାର୍ଯ୍ୟକରି ଆସୁଛି ବୋଲି କହିଥିଲେ। ଅତିଥିମାନେ ମୁଖପତ୍ର ସାଗରବେଳା ଉନ୍ମୋଚନ କରିଥିଲେ। ଏହି ଅବସରରେ ଖବରଦାତା ଭାସ୍କର ରାଉତରାୟ, ଶ୍ରେଷ୍ଠ ଯୁବ ଚିତ୍ରଶିଳ୍ପୀ ସୌମ୍ୟ ରଞ୍ଜନ ବଳ, ଆୟୁର୍ବିଜ୍ଞାନର ଛାତ୍ର ଶିବାନନ୍ଦ ରାଉତ, କବି ହେମନ୍ତ କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବରେ ହଂସୁଆ କଳା ନିକେତନ, ପୁରୀର କଳାକାରଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି ।

ଆମ ଅଞ୍ଚଳର ବିକାଶ ଭିତରକନିକା, ପେଣ୍ଠ ଭିତରେ ଲୁଚିକି ଅଛି

# ଭୁଲ୍ ଉତ୍ତର ଦେଇ ସିଇଓ ହଟହଟା

ନୟାଗଡ଼ ଅଫିସ,୪।୩



ବୈଠକରେ ଯୋଗ ଦେଇଥିବା ଅତିଥି।

ଜିଲା ପରିଷଦର ସମ୍ମିଳନୀ କକ୍ଷ ସୃଜନରେ ଜିଲାସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ ରଣ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଦ୍ୱାରା ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଓ ମୁଖ୍ୟବକ୍ତାରୂପେ ସମବାୟ ବ୍ୟାଙ୍କର ଅତିରିକ୍ତ ସଚିବ ରେଣୁପ୍ରଭା ନାୟକ ଯୋଗ ଦେଇଥିଲେ । ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ସମ୍ମାନିତ ଅତିଥି ରୂପେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ସାହୁ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ନାବାର୍ଡ ଡିଜିଏମ୍ ତୃପ୍ତି ତାପସୀ, ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ (ସିଇଓ) କାର୍ତ୍ତିକ ଚନ୍ଦ୍ର ଯାନି, ଲିଡ୍ ବ୍ୟାଙ୍କ ମ୍ୟାନେଜର ଯୋଗ ଦେଇଥିଲେ। କର୍ମଶାଳାରେ ସମବାୟ ବ୍ୟାଙ୍କର ଅତିରିକ୍ତ ସଚିବ ରେଣୁପ୍ରଭା ନାୟକ ବକ୍ତବ୍ୟ ରଖିଥିବାବେଳେ ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ତଥା ଶିଖରପୁର ସୋସାଇଟିର ସଭାପତି ସନ୍ନ୍ୟାସୀ ପ୍ରଧାନଙ୍କ ପ୍ରଶ୍ନ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା । ସନ୍ନ୍ୟାସୀ ପ୍ରଧାନ ପଚାରିଥିଲେ ସରକାର ଚାଷୀଙ୍କୁ ୧ଲକ୍ଷ ଟଙ୍କା ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରଣ ବିନା ସୁଧରେ ଦେଉଛନ୍ତି । ରଣ ନେବାର ୧ବର୍ଷ ଭିତରେ ମୂଳ ପରିଶୋଧ ନ କଲେ ୪ ପ୍ରତିଶତ ସୁଧ ଆଦାୟ କରାଯିବାକୁ ନିର୍ଦ୍ଦେଶ ରହିଛି। ତେବେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାଗୁଡିକ ୪ ଟଙ୍କା ବଦଳରେ ୪ଟଙ୍କା ୫୦ ପଇସା ସୋସାଇଠିଠାରୁ ଜୋର ଜବରଦସ୍ତ ନିଆଯାଉଛି । ଚାଷୀ ନେଉଥିବା ରଣରେ ସୋସାଇଟି କାହିଁକି ୫୦ ପଇସା ସୁଧ ଦେବ। ପୁଣି ୧ଲକ୍ଷ ୬୦ ହଜାର ଟଙ୍କା ପରେ ଚାର୍ଜ କ୍ରିଏସନ ଫର୍ମ ଦରକାର ବୋଲି ସରକାର କହୁଛନ୍ତି। ତେବେ ନୟାଗଡ଼ ଜିଲାରେ ଚାଷୀ ୨୦ ହଜାର ରଣ ନେଲେ ଚାର୍ଜ କ୍ରିଏସନ ଫର୍ମ ପୁରଣ କରିବାକୁ ବାଧ୍ୟ କରାଯାଉଛି। ଚାର୍ଜ କ୍ରିଏସନ ଫର୍ମର ବ୍ୟବହାର ସୋସାଇଟି କରିବାକୁ ନିୟମ ଥିବାବେଳେ ସମବାୟ ବ୍ୟାଙ୍କ ଶାଖା ବାଧ୍ୟ କରାଇ ଜୁଲମ କରୁଛନ୍ତି। ଏଣୁ ସୋସାଇଟି ପାଣ୍ଠିର କଣ୍ଠରୋଧ କରାଯାଇ କ୍ଷତିରେ ରହିବାକୁ ବାଧ୍ୟ କରାଯାଉଛି । ଏ ନେଇ ସରକାରଙ୍କ ଚିଠି ମଧ୍ୟ ପ୍ରଧାନ କର୍ମଶାଳାରେ ଦେଖାଇ ସମସ୍ତଙ୍କ ମୁହଁ ଚୁପ କରି ଦେଇଥିଲେ । ତେବେ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଧାନଙ୍କ ପ୍ରଶ୍ନର ସଠିକ ଉତ୍ତର ନ ଦେଇ ଭୁଲ ଭାଲ ଦେଇଥିବାରୁ ଅପଦସ୍ତ ଓ ହଟହଟା ହୋଇଥିଲେ । ଏପରି କି ଜଣେ ସଭ୍ୟ ପ୍ରଧାନଙ୍କୁ ବିରୋଧ କରି ହଟହଟା ହୋଇଥିଲେ । ତେବେ ଠିକଣା ସମୟରେ ନୟାଗଡ଼ ବିଧାୟକ ହସ୍ତକ୍ଷେପ କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ଜିଲାପାଳ ହସ୍ତକ୍ଷେପ କରି ୪ଜଣିଆ କମିଟି ଘଟଣାର ତଦନ୍ତ କରି ପଦକ୍ଷେପ ନେବ ବୋଲି କହିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଏଥିରେ ନୟାଗଡ ବିଧାୟକ କହିଥିଲେ ସରକାର ଚାଷୀଙ୍କୁ ୧ଲକ୍ଷ ଟଙ୍କାର କୃଷି ରଣରେ ସୁଧ ଛାଡ କରିଛନ୍ତି। ଚାଷୀ ମାନେ ଏହାର ସୁବିଧା ନେବା ଦରକାର।

### ଜିଲାସ୍ତରୀୟ ସମବାୟ ରଣ କର୍ମଶାଳା

- ସୋସାଇଟି ସଭାପତିଙ୍କ ପ୍ରଶ୍ନ ସୃଷ୍ଟି କଲା ବିବାଦ
- ହସ୍ତକ୍ଷେପ କଲେ ନୟାଗଡ଼ ବିଧାୟକ
- ଚାର୍ଜ କ୍ରିଏଶନ ଫର୍ମର ଅପବ୍ୟବହାରକୁ ବିରୋଧ
- ଚାଷୀଙ୍କୁ ରଣ ଦେଇ କ୍ଷତିରେ ସୋସାଇଟି
- ୪ ଟଙ୍କା ସୁଧ ବଦଳରେ ୪.୫୦ନେଉଛି ସମବାୟ ବ୍ୟାଙ୍କ
- ଜିଲାପାଳଙ୍କ ସମେତ ୪ ଜଣିଆ କମିଟି କରିବେ ତଦନ୍ତ

କୃଷି ରଣ ନେଇ ନିର୍ଦ୍ଧାରିତ ୧ ବର୍ଷ ମଧ୍ୟରେ ପରିଶୋଧ କରି ମାଗଣା ସୁଧର ସୁବିଧା ପାଇବା ଦରକାର । ରଣ ନେଇ ସଦ୍‌ବିନିଯୋଗ କରିବା ପ୍ରଗତିର ଲକ୍ଷଣ ଓ ଅପବ୍ୟବହାର କରିବା ବିପତ୍ତିର ଲକ୍ଷଣ। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ସମବାୟ କ୍ଷେତ୍ରକୁ ସୁଦୃଢ଼ କରିବା ସହ ଚାଷୀମାନେ କିପରି ଲାଭବାନ ହେବେ ସେଥିପାଇଁ ପଦକ୍ଷେପ ନେଉଥିବାରୁ ଓଡିଶା ଚାଉଳ, କ୍ଷୀର, ଅଣ୍ଡା, ପନିପରିବା ଓ ମାଛ ଚାଷରେ ବଳକା ରାଜ୍ୟରେ ପରିଗଣିତ ହୋଇ ପାରିଛି। ଚାଷୀର ଆୟ ବହୁଗୁଣିତ ହୋଇଛି। ସମବାୟ ବ୍ୟାଙ୍କର ଅତିରିକ୍ତ ସଚିବ ରେଣୁପ୍ରଭା ନାୟକ କହିଥିଲେ ରାଜ୍ୟରେ ୫୫ ଲକ୍ଷ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରୁଛନ୍ତି । ସେଥିରୁ ମାତ୍ର ୮ ଲକ୍ଷ ଚାଷୀ ଫସଲ ବୀମା କରୁଛନ୍ତି ଓ ୧୧ରୁ ୧୨ ଲକ୍ଷ ଚାଷୀ କୃଷି ରଣ ନେଉଛନ୍ତି। ଏଣୁ ଚାଷୀଙ୍କ ପାଖରେ ସରକାରଙ୍କ କାର୍ଯ୍ୟକ୍ରମ ଅପହଞ୍ଚ ହୋଇଛି। ପୁଣି ଟଙ୍କା ଦେଣ ନେଣରେ ସମବାୟ ବ୍ୟାଙ୍କରେ ଚାଷୀ ବହୁ ସମୟ ଅପେକ୍ଷା କରି ହଇରାଣ ହେଉଛି। ଏଣୁ ସମବାୟ କର୍ମଚାରୀଙ୍କୁ ଚାଷୀ ପାଇଁ ସରଳ, ସହଜ ଓ ସମ୍ବେଦନଶୀଳ ହେବାକୁ ପଡିବ । ଆମକୁ ବଦଳିବାକୁ ପଡିବ । ଚାଷୀଙ୍କୁ ସୋସାଇଟି ମୁହାଁ କରିବାକୁ ପଡିବ। ଭିତ୍ତିଭୂମିକୁ ବଦଳାଇ ଡିଜିଟାଲ ବ୍ୟବସ୍ଥା କରି ସେମାନଙ୍କ ପାଇଁ କାମ କରିବାକୁ ପଡିବ । ଜିଲାପାଳ ରବୀନ୍ଦ୍ର ନାଥ ସାହୁ କହିଥିଲେ, ଆମ ଜିଲାରେ ୧ ଲକ୍ଷ ଚାଷୀ ୧ ଲକ୍ଷ ଟଙ୍କା ରଣ ନେବାର ଟାର୍ଗେଟ ଅଛି । ଚାଷୀ ରଣ ନେଇ ୧ବର୍ଷ ଭିତରେ ଏହାକୁ ପରିଶୋଧ କରି ସୁଧ ଛାଡର ସୁବିଧା ନେବା ଦରକାର । ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ମ୍ୟାନେଜର ସରୋଜ କୁମାର ସାହାଣି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୨ଗୁରୁତର

**ଶରଣକୁଳ,୪।୩(ଡି.ଏନ.ଏ.):** ଶରଣକୁଳ ନିକଟବର୍ତ୍ତୀ କରଡା ଗ୍ରାମରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି । ଗୁରୁବାର ରାତିରେ ପଞ୍ଚରିଡା ଗ୍ରାମର ପୂର୍ବତନ ସମିତି ସଭ୍ୟ କାର୍ତ୍ତିକେଶ୍ୱର ସାହୁ ଏକ ବାଇକ୍‌ରେ ଶରଣକୁଳ ବଜାରରୁ ତାଙ୍କର ବ୍ୟକ୍ତିଗତ କାମ ସାରି ଘରକୁ ଫେରୁଥିବା ସମୟରେ ଅପରପାର୍ଶ୍ୱରୁ ବାଉଁଶିଆ ଗ୍ରାମର ଆକାଶ ନାହାକ ଏବଂ ଶ୍ରୀକାନ୍ତ ନାହାକ ଅନ୍ୟ ଏକ ବାଇକ୍‌ରେ ଦ୍ରୁତଗତିରେ ଆସୁଥିଲେ। କରଡା ଗ୍ରାମଠାରେ ଉଭୟ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା । ଫଳରେ କାର୍ତ୍ତିକେଶ୍ୱର ଏବଂ ଅନ୍ୟ ଦୁଇଜଣ ଗୁରୁତର ହୋଇଥିଲେ । ଶରଣକୁଳ ପୋଲିସ ପହଞ୍ଚି ୩ ଆହତଙ୍କୁ ଶରଣକୁଳ ଡାକ୍ତରଖାନାକୁ ଆଣିଥିଲେ । ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସେମାନଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ । ସେଠାରେ ଡାକ୍ତର କାର୍ତ୍ତିକେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ। ଆହତ ୨ଜଣଙ୍କ ଜଣେ ନୟାଗଡ଼ରେ ଚିକିତ୍ସାଧୀନ ଥିବାବେଳେ ଅନ୍ୟଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ବିଧାୟକ ସତ୍ୟନାରାୟଣ ପ୍ରଧାନ କାର୍ତ୍ତିକେଶ୍ୱରଙ୍କ ବାସଭବନରେ ପହଞ୍ଚି ତାଙ୍କ ପରିବାରଙ୍କୁ ସମବେଦନା ଜଣାଇବା ସହ ରେଡ଼କ୍ରସ ତରଫରୁ ୧୦ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ ।

### ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ

**ଓଡ଼ଗାଁ,୪।୩(ସ୍ୱ.ପ୍ର.):** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ସାକେରି ପଞ୍ଚାୟତ ଗୋଡିପାଟଣା ନିମେଶ୍ୱରଙ୍କ ପୀଠରେ ୩ ଦିନ ଧରି ଆୟୋଜିତ ୯ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସାକେରି ଓ କୋରପିଠା ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଗୁରୁବାର ପ୍ରଥମ ଦିନରେ ମହିଳାମାନଙ୍କ ଦ୍ୱାରା କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ୨ୟ ଓ ୩ୟ ଦିବସରେ ଦେବ ପୂଜନ, ଯଜ୍ଞ ସଂସ୍କାର, ଆରତୀ,ଯୁଗ ସଙ୍ଗୀତଗାନ, ଦୀପ ଯଜ୍ଞ ଓ ପ୍ରବଚନ ପରେ ପୂର୍ଣ୍ଣାହୂତି ପ୍ରଦାନ ପୂର୍ବକ ଉଦଯାପିତ ହୋଇଥିଲା। ପ୍ରତିଦିନ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ଶାନ୍ତିକୁଞ୍ଜ ହରିଦାରରୁ ଆସିଥିବା ଦିପ୍ତିକାନ୍ତ ଶାସ୍ତ୍ରୀ,ତନେଶ୍ୱର ମେଳା, ତ୍ରିନାଥ ପାତ୍ର ,ଅଶୃତା ମଲ୍ଲିକ ଓ କରିଶ୍ମା ପୃଷ୍ଟି ଯଜ୍ଞ ସଞ୍ଚାଳନ କରିଥିଲେ। ଗାୟତ୍ରୀ ପୀଠ ଓଡ଼ଗାଁ ସହାୟତା ଏବଂ ରାହାସ ବିହାରି ପ୍ରଧାନଙ୍କ ଉଦ୍ୟମରେ ଯଜ୍ଞ ପରିଚାଳିତ ହୋଇଥିଲା।

# ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର


ଜନଶୁଣାଣି ଶିବିରରେ ମଞ୍ଚାସୀନ ଅତିଥି ।

ନୂଆଗାଁ, ୪।୩ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ଓ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ସମ୍ପର୍କିତ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ନୟାଗଡ଼ ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋରଞ୍ଜନ ହୋତା, ଜିଲା ସାମାଜିକ ସମୀକ୍ଷକ ବିଜୟ କୁମାର ବଳିୟାରସିଂ, ଲୋକପାଳ ଗିରିଶ ଚନ୍ଦ୍ର ଦାଶ, ନୂଆଗାଁ ବ୍ଲକ ଅତିରିକ୍ତ ବିଡିଓ ସ୍ୱଦେଶ ରଞ୍ଜନ ଶତପଥୀ, ବ୍ଲକ ସାମାଜିକ ସମୀକ୍ଷକ ସ୍ୱର୍ଣ୍ଣଲତା ଦଳବେହେରାଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ନୂଆଗାଁ ବ୍ଲକ ଏପିଓ ଅମରେନ୍ଦ୍ର ସାହୁ ଏମ୍‌ଜିଏନ୍‌ଆରଇଜିଏସ୍ ସମ୍ପର୍କିତ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିବା ବେଳେ ଜିଲା ସାମାଜିକ ସମୀକ୍ଷକ ବଳିୟାରସିଂ ପଞ୍ଚାୟତସ୍ତରୀୟ ସମୀକ୍ଷାର ସାରାଂଶଗୁଡିକୁ ଆଲୋଚନା କରିଥିଲେ ।

- ହାଜିରା ପକାଇବା ପାଇଁ ଆସିଲେ ବନ କର୍ମଚାରୀ
- କ୍ଷୋଭ ପ୍ରକାଶ କଲେ ଅଧିକାରୀ
- ଠିକ୍ ଉତ୍ତର ଦେଇ ପାରିଲେ ନାହିଁ ବିଭାଜିକା କର୍ମଚାରୀ

ମହିପୁର ବନ ବିଭାଗ ଉପରେ ୨୦୧୮-୧୯ ମସିହାରେ ୪ ହଜାର ଟଙ୍କା ଜରିମାନା ହୋଇଥିଲେ ମଧ୍ୟ ଅଦ୍ୟାବଧି ତାହା ପୈଠ କରାଯାଇ ନାହିଁ । ପୂର୍ବପରି ବର୍ତ୍ତମାନ ବିଭିନ୍ନ କାମରେ ଅନିୟମିତତା ହୋଇଥିବା ସମୀକ୍ଷାରେ ଜଣା ପଡିଛି । ଏ ବାବଦରେ ପଚରା ଯିବାରେ ଉପସ୍ଥିତ ଥିବା ବନ କର୍ମଚାରୀ କିଛି ଜାଣି ନ ଥିବା କହିଥିଲେ। ମୋତେ କେବଳ ହାଜିରା ପକାଇବା ପାଇଁ ରେଞ୍ଜର ପଠାଇଛନ୍ତି ବୋଲି କହିଥିଲେ। ପୂର୍ବ ଜରିମାନା ବାବଦରେ ମହିପୁର ବନ ବିଭାଗକୁ ଜିଲାପାଳ ଚିଠି କରିଥିବା ବଳିୟାରସିଂ ସୂଚନା ଦେଇଥିଲେ, ଯାହାକୁ ନେଇ ବନ ବିଭାଗ ଉପରେ ଶିବିରରେ ଥିବା ଅଧିକାରୀମାନେ ବର୍ଷିଥିଲେ । ସେହିପରି ଜଳ ବିଭାଜିକା କାର୍ଯ୍ୟରେ ଅଧିକ ଅନିୟମିତତା ଥିବା ସୂଚନା ଦେବାରେ ତା'ର ସନ୍ତୋଷଜନକ ଉତ୍ତର ନ ଦେଇ ପାରିବାରେ ସମସ୍ତେ ଅସନ୍ତୋଷ ପ୍ରକାଶ କରିଥିଲେ । ଏପରି କି ଜଳ ବିଭାଜିକା କର୍ମଚାରୀ କିଛି ଫାଇଲ ସମୀକ୍ଷା ପାଇଁ ନ ଦେଇ ଲୁଚାଉ ଥିବା ସୂଚନା ଦିଆଯାଇଥିଲା। ଅନେକ ଆବାସ ହିତାଧିକାରୀଙ୍କ ନିଜସ୍ୱ ଜାଗା ନ ଥିବାରୁ କାର୍ଯ୍ୟାଦେଶ ପାଇ ମଧ୍ୟ ଘର ନିର୍ମାଣ କରି ପାରୁ ନ ଥିବା ସମୀକ୍ଷାରୁ ଜଣାପଡିଛି । ତେଣୁ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଏପିଡି ହୋତା କହିଥିଲେ। ବଡ଼ଗୋଠ ପଞ୍ଚାୟତରେ ଜଣେ ବ୍ୟକ୍ତି ଆବାସ ଯୋଜନା ଅନୁଦାନ ନେଇଥିଲେ ମଧ୍ୟ ଘର ନାହିଁ, ଅନ୍ୟ ଜଣେ ଘର କରି ବିକ୍ରି କରିଛନ୍ତି, ଆଉ କେତେଜଣ ଅର୍ଦ୍ଧ ନିର୍ମିତ ଘରକୁ ସମ୍ପୂର୍ଣ୍ଣ ଦେଖାଇ ଅନୁଦାନ ନେଇଥିବା ସୂଚନା ଦେଇଥିଲେ। ଅନୁରୂପ ଭାବେ ମାଳିସାହି, ବେରୁହାଁବାରି, ଉଦୟପୁର ପଞ୍ଚାୟତରେ ଆବାସ ଗୃହରେ ଅନିୟମିତତା ଥିବା ସମୀକ୍ଷାରୁ ଜଣାପଡିଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟ କରିବା ପୂର୍ବରୁ ସୂଚନା ଫଳକ ନିର୍ମାଣ କରିବା କଥା। କିନ୍ତୁ ଅନେକ କାମରେ ସୂଚନା ଫଳକ ଠିକ୍ ଭାବେ ହୋଇ ନ ଥିବା ଜିଲା ସାମାଜିକ ସମୀକ୍ଷକ ବଳିୟାରସିଂ ସୂଚନା ଦେବାରେ ଏଥିପ୍ରତି ଦୃଷ୍ଟି ଦେବାକୁ ଏବିଡିଓ ଶତପଥୀ ସମସ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆଶାଜିତ୍


@ ବିଭୁପ୍ରସାଦ


@ କାଳିଆ


@ ମୋନାଲିସା


@ ରାଜେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜଳଦାନ ପାଇଁ ସଚେତନତା ସୃଷ୍ଟିକଲେ ପରିବେଶବିତ୍

ଖଣ୍ଡପଡ଼ା,୪।୩ (ସ୍ୱ.ପ୍ର.)

ଜୀବଜନ୍ତୁଙ୍କୁ ଜଳଦାନ କରିବା ପାଇଁ ସଚେତନତା ସୃଷ୍ଟି କରିଛନ୍ତି କଣ୍ଟିଲୋ ଅଞ୍ଚଳର ପରିବେଶବିତ୍ ତଥା ଗଛସାର ଭାବେ ପରିଚିତ ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁ । ଶୁକ୍ରବାର ନିକଟସ୍ଥ ବଡ଼ବାଣପୁର ଏମ୍‌ଇ ସ୍କୁଲ ପରିସରରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ଅବସରରେ ସେ ଏହି ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ପ୍ରଧାନଶିକ୍ଷକ କିଶୋର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହୁ ଛାତ୍ରୀଛାତ୍ରମାନଙ୍କୁ ଜୀବେଦୟା ସମ୍ପର୍କରେ ବୁଝାଇଥିଲେ। ଏଥିସହିତ ଜଳର ଅପବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ । ବିଶେଷ କରି ଗ୍ରୀଷ୍ମ ପ୍ରବାହ ସମୟରେ ବିଭିନ୍ନ ଜୀବଜନ୍ତୁ ଓ ପକ୍ଷୀ ପାଣି ବିନା କିପରି ଛଟପଟ ହୁଅନ୍ତି ସେ ସମ୍ପର୍କରେ ସୂଚନା ଦେଇଥିଲେ । ଏସବୁକୁ ଦୃଷ୍ଟିରେ ରଖି ଜଳଦାନ, ମହତ୍ କାମ ନ୍ୟାୟରେ ସମସ୍ତେ ନିଜ ଘର ବାଡିରେ, ବିଦ୍ୟାଳୟ ପରିସରରେ କିମ୍ବା ବିଭିନ୍ନ ସ୍ଥାନରେ ଏକ ପାତ୍ରରେ ପାଣି ରଖିଲେ ତୃଷାର୍ତ୍ତ ଜୀବଜନ୍ତୁ ଏହାର ଉପଯୋଗ କରି ଜୀବନ ବଞ୍ଚାଇ ପାରିବେ ବୋଲି କହିଥିଲେ।



ପରିବେଶବିତ୍ ତଥା ଗଛସାର ପ୍ଲାକାର୍ଡ ମାଧ୍ୟମରେ ଜନସଚେତନତା ସୃଷ୍ଟି କରୁଛନ୍ତି।

# ବ୍ରହ୍ମପୁରରେ ଦିଲ୍ଲୀ, ଉତ୍ତରପ୍ରଦେଶ ହର୍ବାଲ ରଙ୍ଗ ବିକ୍ରି

ବ୍ରହ୍ମପୁର ଅଫିସ,୪।୩

ଆଗକୁ ଆସୁଛି ରଙ୍ଗର ପର୍ବ ହୋଲି। ହୋଲିକୁ ନେଇ ରେଶମ ସହରବାସୀ ବେଶ୍ ଉତ୍ସାହିତ। ତେବେ କୌଣସି ପର୍ବପର୍ବାଣି ଆସିଲେ ସହରରେ ଥିବା ସିଜନାଲ ଷ୍ଟୋରଗୁଡିକରେ ସହରବାସୀଙ୍କ ଭିଡ ଜମିଥାଏ। ଯେଉଁଠାରେ ସମସ୍ତ ପ୍ରକାର ସାମଗ୍ରୀ ବିକ୍ରି ହୋଇଥାଏ। ଏଭଳି ଭାବେ ଚଳିତ ବର୍ଷ ହୋଲିର କିଛି ଦିନ ପୂର୍ବରୁ ସହରର ବଡ ବଜାର ଓ ସାନ ବଜାର ଅଞ୍ଚଳରେ ଥିବା ସିଜନାଲ ଷ୍ଟୋରଗୁଡିକରେ ଭଳିକି ଭଳି ରଙ୍ଗ ପସରା ଦେଖିବାକୁ ମିଳିଛି। ଏହି ଷ୍ଟୋରଗୁଡିକରୁ ରଙ୍ଗ କିଣିବା ପାଇଁ ସହରବାସୀଙ୍କ ସମେତ ଜିଲା ଓ ବାହାରୁ ବହୁ ରିଟେଲର ବ୍ୟବସାୟୀଙ୍କ ଭିଡ ଜମୁଛି।

ଚର୍ମ ରୋଗ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ବର୍ତ୍ତମାନ ହୋଲି ଖେଳୁଥିବା ଯୁବ ପିଢି ଏବେ ହର୍ବାଲ ରଙ୍ଗ ପ୍ରତି ଆକୃଷ୍ଟ ହେଉଛନ୍ତି, ଯାହାକି ସମ୍ପୂର୍ଣ୍ଣ ରୂପେ ରାସାୟନିକ ପଦାର୍ଥ ମୁକ୍ତ। ଚର୍ମ ରୋଗ ମଧ ହେବ ନାହିଁ। ତଦନୁଯାୟୀ ବହୁ ସିଜନାଲ ଷ୍ଟୋରରେ ଭଳିକି ଭଳି ହର୍ବାଲ ରଙ୍ଗର ପସରା ଦେଖିବାକୁ ମିଳିଛି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସିଜନାଲ ଷ୍ଟୋର ବ୍ୟବସାୟୀମାନେ ବିଭିନ୍ନ କିସମର ହର୍ବାଲ ରଙ୍ଗ ବିକ୍ରି କରୁଛନ୍ତି। ଏହିସବୁ ହର୍ବାଲ ରଙ୍ଗ ଦିଲୀ, ଉତ୍ତରପ୍ରଦେଶ, ରାୟପୁର ଓ ରାଜସ୍ଥାନରୁ ଆମଦାନୀ ହେଉଛି, ଯାହାର ବଜାର ଦର କି.ଗ୍ରା. ପିଛା ୭୦ରୁ ୮୦ ଟଙ୍କା ରହିଛି। ନାଲି, ଗୋଲାପି, ହଳଦିଆ ଓ ନୀଳ ଭଳି ଭିନ୍ନ ଭିନ୍ନ ରଙ୍ଗର ହର୍ବାଲ ବିକ୍ରି ହେଉଛି, ଯାହାର ଚାହିଦା ଅଧିକ ରହିଥିବା ବ୍ୟବସାୟୀମାନେ କହିଛନ୍ତି। ଏହି ରଙ୍ଗରେ କୌଣସି ରାସାୟନିକ ଦ୍ରବ୍ୟ ମିଶି ନ ଥାଏ। ଏହାକୁ ନିର୍ଭୟରେ ଛୋଟ ଶିଶୁଙ୍କଠାରୁ ଆରମ୍ଭ କରି ବୟସ୍କ ଲୋକମାନେ ମଧ ଖେଳିପାରିବେ। ସେହିଭଳି ଗୁଲାଲ ଭଳି ରଙ୍ଗର ମଧ ଚାହିଦା ରହିଛି ବୋଲି ବ୍ୟବସାୟୀମାନେ କହିଛନ୍ତି। କିନ୍ତୁ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ବ୍ୟବସାୟ ମାନ୍ଦା ରହିଥିବା ବ୍ୟବସାୟୀମାନେ କହିଛନ୍ତି। ଏହି ସମୟରେ ଗଞ୍ଜାମ ସମେତ ଗଜପତି, କନ୍ଧମାଳ ଜିଲାରୁ ବହୁ ରିଟେଲର ବ୍ୟବସାୟୀଙ୍କ ଭିଡ ଜମିଥାଏ। କରୋନା କଟକଣା ହଟିବା ପରେ ଗତ ବର୍ଷ ବ୍ୟବସାୟ ବେଶ୍ ଭଲ ଥିଲା। କିନ୍ତୁ ଚଳିତ ବର୍ଷ ବ୍ୟବସାୟ ଫିକା ପଡିଥିବା ବ୍ୟବସାୟୀମାନେ କହିଛନ୍ତି। ତେବେ ରଙ୍ଗର ପର୍ବ ହୋଲି କିଛି ଦିନ ବାକିଥିବା ବେଳେ ବ୍ୟବସାୟ ମଧ ଆଶାନୁରୂପକ ହେବ ବୋଲି କେତେକ ବ୍ୟବସାୟୀ କହିଛନ୍ତି।


ସିଜନାଲ ଷ୍ଟୋରରେ ବିକ୍ରି ହେଉଥିବା ହର୍ବାଲ ରଙ୍ଗ ।

### ଆଗକୁ ହୋଲି

